NITIDIN
ନିତିଦିନ
THE SUNDAY SECTION OF NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ମେ' ୧୦ ୨୦୨୬

ମନୋରଞ୍ଜନ

ତ୍ରିଶାଙ୍କ ପାଇଁ ଭାଗ୍ୟବାନ ଥଲାପତି



# ମାତୃତ୍ୱର ସ୍ପନ୍ଦନ ଓ ସଂକେତ

ମାଆ - ତ୍ୟାଗ, ସତ୍ୟ, ପ୍ରେମର ପ୍ରତୀକ। ସେ ସର୍ବଂସହା ଜନନୀ



# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୫

■ ମନୋଜ କୁମାର ମହାପାତ୍ର



ଉପସ୍ଥିତ ଭକ୍ତମାନଙ୍କର ଭକ୍ତି-ସୁଅରେ ଭାସି ଓ ସେମାନଙ୍କର ଅଶ୍ରୁପୂର୍ଣ୍ଣ କଥା ଶୁଣି ଶ୍ରୀ ରାମକୃଷ୍ଣ ଭାବ-ବିହ୍ୱଳିତ ହେଇ କହିଲେ- ମୁଁ ଆଉ କ'ଣ କହିବି। ମୁଁ ତୁମ ସମସ୍ତଙ୍କୁ ଆଶୀର୍ବାଦ କରୁଛି ଯେ ତୁମମାନଙ୍କର ଚୈତନ୍ୟ ହେଉ। ଏତିକି କହୁ କହୁ ସେ ଅର୍ଦ୍ଧବାହ୍ୟଦଶାରେ ବୁଡିଗଲେ। ଭକ୍ତମାନେ ଏହି ପବିତ୍ର ବାଣୀ ଶୁଣି ପାଗଳପ୍ରାୟ ହୋଇଉଠିଲେ ଏବଂ ଭାବାବେଶରେ ଜଣ ଜଣ ହୋଇ ଆଗକୁ ବଢ଼ି ତାଙ୍କୁ ପ୍ରଣାମ କରିବାକୁ ଲାଗିଲେ ଓ ଚରଣ ଧୂଳି ନେବାରେ ଲାଗିଲେ।

ଭକ୍ତମାନଙ୍କର ଏମନ୍ତ ପ୍ରକଟିତ ଭାବ ଦେଖି ଶ୍ରୀ ରାମକୃଷ୍ଣଙ୍କ କରୁଣା ନିର୍ଗତ ହେଲା। ସେ ଜଣ ଜଣ କରି ସମସ୍ତଙ୍କୁ ସ୍ପର୍ଶ କରି ଯଥାସାଧ ଆଶିଷ ଆଶୀର୍ବାଦ ଦେଇ କହିଲେ- 'ତୁମର ଚୈତନ୍ୟ ହେଉ।' ତାଙ୍କର ଆଧ୍ୟାତ୍ମିକ-ଶକ୍ତିର ସ୍ପର୍ଶରେ ଭକ୍ତମାନଙ୍କ ଭିତରେ କ୍ରାନ୍ତିକାରୀ ଭାବର ଉଦ୍ରେକ ଘଟିଲା ଏବଂ ଅନନ୍ତ ଆନନ୍ଦ ନିଜ ଭିତରେ ଅନୁଭବ କଲେ। ସେମାନଙ୍କର ଜୀବନ ଧନ୍ୟ ହେଲା। ଏହି ଆଧ୍ୟାତ୍ମିକ ଭାବ ଶ୍ରୀ ରାମକୃଷ୍ଣ ନିଷ୍ପକ୍ଷ ଓ ବିନା ବାଛ ବିଚାରରେ ସମସ୍ତଙ୍କୁ ପ୍ରଦାନ କରିଥିଲେ। ସମସ୍ତଙ୍କ ପ୍ରତି ତାଙ୍କର କରୁଣା ଓ ପ୍ରେମ ସମାନ ଥିଲା।

ତତପଶ୍ଚାତେ ଶ୍ରୀ ରାମକୃଷ୍ଣ ନିଜର ଅନ୍ତିମ ସମୟ ନିକଟ ହେବା ଜାଣି ପ୍ରମୁଖ ଶିଷ୍ୟ ନରେନ୍ଦ୍ରନାଥଙ୍କୁ ନିର୍ଦ୍ଦେଶ ଦେଇଥିଲେ ତାଙ୍କର କାର୍ଯ୍ୟକୁ ଆଗକୁ ନେବା ପାଇଁ। ଶ୍ରୀ ରାମକୃଷ୍ଣଙ୍କ ଅବର୍ତ୍ତମାନରେ ତରୁଣ ଭକ୍ତଙ୍କର ଦେଖାଶୁଣା ପାଇଁ ଗିରିଶଙ୍କୁ ଶ୍ରୀ ରାମକୃଷ୍ଣ କହିଥିଲେ - 'ମୁଁ ତରୁଣ ଭକ୍ତଙ୍କର ଦେଖାଶୁଣା ପାଇଁ ନରେନ୍ଦ୍ରକୁ ଛାଡ଼ି ଯାଉଛି। ଦେଖ, ସେହି ଯୁବକ ଆଧ୍ୟାତ୍ମିକ ସାଧନାରେ ବୁଡ଼ି ରହି ଘରକୁ ଫେରିବା ଭୁଲିଯାଉଛନ୍ତି।' ଏହିପରି ଭାବରେ ନିରବରେ ନିଜ ଯୁବକ ଭକ୍ତମାନଙ୍କର ସନ୍ନ୍ୟାସ ଜୀବନ ପାଇଁ ଶ୍ରୀ ରାମକୃଷ୍ଣ ପ୍ରସ୍ତୁତ ହେଉଥିଲେ।

ଶ୍ରୀ ରାମକୃଷ୍ଣ ଲୀଳା ସମ୍ବରଣ କରିବା ପୂର୍ବରୁ ତାଙ୍କ ମନରେ ଉଠିଲା ଭବିଷ୍ୟତରେ ଏହି ଯୁବଭକ୍ତମାନେ ତ୍ୟାଗୀ ସନ୍ନ୍ୟାସୀ ହେବେ ଏବଂ ତାଙ୍କର ଉପଲବ୍ଧ ଆଧ୍ୟାତ୍ମିକ ଜ୍ଞାନକୁ ଜଗତରେ ବିତରଣ କରିବେ। ଏକଦା ସେ ନରେନ୍ଦ୍ର ତଥା ଅନ୍ୟ ଯୁବ ଭକ୍ତମାନଙ୍କୁ ଆଖପାଖ ଅଞ୍ଚଳରୁ ମଧୁକରି-ଭିକ୍ଷା ମାଗି ଆଣିବାକୁ କହିଲେ। ନରେନ୍ଦ୍ର ନିଜର ଭିକ୍ଷା ପାତ୍ର ଧରି ବାହାରିଲେ। ଶ୍ରୀ ରାମକୃଷ୍ଣ ଏହା ଦେଖି ଅତ୍ୟନ୍ତ ପ୍ରସନ୍ନ ହୋଇଉଠିଲେ ଓ ଶୀଘ୍ର ତରୁଣ ଯୁବକ ଗୈରିକ ବସ୍ତ୍ର ପରିଧାନ କରି ଘର ଘର ଭିକ୍ଷା ମାଗି ସଂସାରରେ ବିଚରଣ କରିବେ ଓ ମାନବତା ଧର୍ମର ମହାନ କଲ୍ୟାଣକାରୀ ପାଠ ପଢ଼ାଇବେ।

ଦିନେ ରାମକୃଷ୍ଣଙ୍କର ଭକ୍ତ ବୁଢ଼ା ଗୋପାଳ ସାଧୁଙ୍କୁ ଗେରୁଆ ବସ୍ତ୍ର ଓ ରୁଦ୍ରାକ୍ଷମାଳା ଦାନ କରିବାକୁ ମନସ୍ଥ କରିଥିଲେ। ନିଜର ମନକଥା ସେ ଶ୍ରୀ ରାମକୃଷ୍ଣଙ୍କୁ କହିଲେ। ଏହା ଶୁଣି ଶ୍ରୀ ରାମକୃଷ୍ଣ ନିଜର ତରୁଣ ଶିଷ୍ୟଙ୍କୁ ଇସାରା କରି ବୁଢା-ଗୋପାଳଙ୍କୁ କହିଥିଲେ- 'ଏମାନଙ୍କ ଠାରୁ ବଳି ବଡ଼ ସାଧୁ ଆଉ କେଉଁଠୁ ମିଳିବେ, ତୁମେ ଯେଉଁ କପଡ଼ା ଓ ଜିନିଷ ଦେବା କଥା, ଏମାନଙ୍କୁ ଅର୍ପଣ କର।' ବୁଢା-ଗୋପାଳ ଗେରୁଆ କପଡ଼ାର ଗଣ୍ଠିଲି ଶ୍ରୀ ରାମକୃଷ୍ଣଙ୍କ ସମ୍ମୁଖରେ ରଖିଦେଲେ ଏବଂ ଠାକୁର ସେହି କପଡ଼ାକୁ ଜଣ ଜଣ କରି ଯୁବ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟିଦେଲେ। ସେମାନଙ୍କ ଦ୍ୱାରା ଗୋଟିଏ ଅନୁଷ୍ଠାନ ତିଆରି କରିବାର ସିଦ୍ଧାନ୍ତ ନେଇ ସେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଭିକ୍ଷା ଥାଳ ଧରି ଭିକ୍ଷାବୃତ୍ତି ପାଇଁ କହିଥିଲେ। ଏହି ପ୍ରକାରେ ଶ୍ରୀ ରାମକୃଷ୍ଣ ତାଙ୍କ ଶିଷ୍ୟମାନଙ୍କୁ ସନ୍ନ୍ୟାସ ଜୀବନରେ ଦୀକ୍ଷିତ କରିଥିଲେ ଏବଂ ଭାବୀ ରାମକୃଷ୍ଣ ସଂଘର ପ୍ରତିଷ୍ଠାପନ କରିଥିଲେ।

ଚରମ ସତ୍ୟର ପ୍ରାପ୍ତିରେ ନରେନ୍ଦ୍ରନାଥଙ୍କର ତୀବ୍ର ଆକାଂକ୍ଷା ଜାତ ହେଲା। ସେହି ସତ୍ୟ ପ୍ରାପ୍ତ ପାଇଁ ସେ ପୂର୍ବରୁ ସଂଘର୍ଷ କରିଥିଲେ ଏବଂ ଶ୍ରୀ ରାମକୃଷ୍ଣଙ୍କୁ ବାରମ୍ବାର କହୁଥିଲେ। ଦିନେ ସନ୍ଧ୍ୟା ସମୟରେ ଯେତେବେଳେ ନରେନ୍ଦ୍ର ଧ୍ୟାନ କରୁଥିଲେ, ହଠାତ ସମାଧିର ଅନୁଭୂତି ହେଲା। ଉକ୍ତ ଅନୁଭୂତିରେ ସେ ଉପଲବ୍ଧି କଲେ ଯେ ତାଙ୍କର ମସ୍ତକ ନାହିଁ। କିୟତ୍ ମୁହୂର୍ତ୍ତ ଉତ୍ତାରୁ ସେ ବ୍ରହ୍ମଙ୍କ ସହିତ ଲୀନ ହୋଇଗଲେ। ତାଙ୍କୁ ନିର୍ବିକଳ୍ପ ସମାଧିର ପ୍ରାପ୍ତି ହୋଇଥିଲା। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ମାଆ, ସେ ମମତାମୟୀ 'ମାତୃ ସ୍ନେହ ସମ, କି ଅଛି ସଂସାରେ, ଅଟେ ତା ସରଗ ସୁଧା.....'

ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ



ମା' ଶବ୍ଦରେ ଏକ ନୈସର୍ଗିକ ଆତ୍ମିୟତା ଭରି ରହିଛି । ମା' ଏକ ଛୋଟ ଶବ୍ଦ ମାତ୍ର । ଏଥିରେ ସାରା ସଂସାରର ପୂର୍ଣ୍ଣତା ରହିଛି । ପ୍ରତ୍ୟେକ ମନୁଷ୍ୟର ଅସ୍ତିତ୍ୱ, ପ୍ରେମ ଓ ବିଶ୍ୱାସରେ ଭରି ରହିଛି ମା' ଶବ୍ଦର ବ୍ୟାପକତା । ଏହି ମା' ଡାକ ପ୍ରତିଟି ମୁହୂର୍ତ୍ତରେ ମନକୁ ଆନ୍ଦୋଳିତ କରିଥାଏ । ଏହା ସବୁବେଳେ ହୃଦୟର ସ୍ପନ୍ଦନ ସହ ଜଡ଼ିତ ହୋଇ ରହିଛି । ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ ତାଙ୍କ କାଳଜୟୀ ପଂକ୍ତିରେ ଲେଖିଛନ୍ତି - 'ମାତୃ ସ୍ନେହ ସମ, କି ଅଛି ସଂସାରେ, ଅଟେ ତା ସରଗ ସୁଧା। ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର। ପାନେ ନ ମେଣ୍ଟଇ କ୍ଷୁଧା।' ଥରେ ଭାବନ୍ତୁ ତ, ମା' ଶବ୍ଦ କ'ଣ ସତରେ ଯାଦୁକରୀ ନୁହେଁ କି ! ସେ ସବୁ ସମୟରେ ଯାହାକୁ ଜନ୍ମ ଦେଇଛି ଓ ଅବା ଯାହାକୁ ଅନ୍ୟ କେହି ମା' ଜନ୍ମ ଦେଇଛି, ତାରି ମଙ୍ଗଳ କାମନା ଓ ଉନ୍ନତିରେ ସର୍ବଦା ନିମଗ୍ନ ରହିଥାଏ । ନିବିଡ଼ ସମ୍ପର୍କକୁ ଛିନ୍ନ କରିବାକୁ କ୍ଷଣିଏ ସମୟ ନେଉନଥିବା ଅବା ସମ୍ପର୍କ ନରଖିବାର ବାହାନା କରୁଥିବା ବର୍ତ୍ତମାନର କଥିତ ସମାଜରେ ମା-ପିଲାର ସମ୍ପର୍କ, ମୃତ୍ୟୁ ପର୍ଯ୍ୟନ୍ତ ସାଥୀରେ ଅତୁଟ ରହିବାର ଯାଦୁ କ'ଣ ସତରେ ଆଶ୍ଚର୍ଯ୍ୟକର ନୁହେଁ ! ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ସନ୍ତାନର ସୁଖ ପାଇଁ ନିଜକୁ ତିଳ ତିଳ କରି ଜାଳିବାରେ ବି ମା' ମନରେ ଥାଏ ଆନନ୍ଦ । ସେହି ମା' କୁ ସମ୍ମାନ ଜଣାଇ ସାରା ଦୁନିଆଁରେ କୋଟି କୋଟି ମା' ଙ୍କ ଉଦ୍ଦେଶ୍ୟରେ ଆଜିର ଦିବସକୁ ମାତୃ ଦିବସ ଭାବେ ପାଳନ କରାଯାଉଛି । ଅବଶ୍ୟ ଏହାର ପ୍ରକୃତ ଉଦ୍ଦେଶ୍ୟ ଏବେ ସାଧିତ ହୋଇପାରି ନାହିଁ । ଆମ ଓଡ଼ିଆ ଘରର ଆଧ୍ୟାତ୍ମିକ ଜୀବନ ଚେତନାର ପ୍ରାଣ ଓ ମାର୍ଗଦର୍ଶକ କୁହାଯାଉଥିବା ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ତାତ ଜନନୀ ଉପକାର, ସୁଝି ପାରିବ କେ କୁମାର ? ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣ ଦେଇ, ତାହାର ପୋଷଣେ ବଞ୍ଚଇ। ତାହାର ପ୍ରତି ଉପକାରେ, ଶତବରଷେ କେହୁ ପାରେ ?'

ମା' ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ନିମନ୍ତେ ଗୋଟିଏ ଦିନ ନୁହେଁ, ବରଂ ଗୋଟିଏ ଶତାବ୍ଦୀ ବି କମ୍ ପଡ଼ିବ । କେହି ଜଣେ କହିଛନ୍ତି ଯେ ଯଦି ବିଶାଳ ସମୁଦ୍ରକୁ କାଳି ଭାବେ ବ୍ୟବହାର କରାଯାଏ ଓ ସାରା ପୃଥିବୀ ପୃଷ୍ଠକୁ କାଗଜ ବୋଲି ଗ୍ରହଣ କରି ମା'ର ମହିମା ଲେଖିଯାଏ, ତେବେ ତାହା ବି କମ୍ ପଡ଼ିବ । ଆମର ସମାଜରେ ପ୍ରତ୍ୟେକ କଥାକୁ ଗୁରୁତ୍ୱ ଦେବା ନିମନ୍ତେ ୩୬୫ ଦିନରେ କେବଳ ଗୋଟିଏ ଦିନ ହିଁ ମାତୃ ଦିବସ ଭାବେ ସ୍ଥିର କରାଯାଇଛି ; କିନ୍ତୁ ମା'ର ସମ୍ମାନରେ ଗୋଟିଏ ଦିନ ଯଥେଷ୍ଟ ନୁହେଁ । ଯେଉଁଭଳି ଭାବେ ମା'ର ମମତା ଓ ପ୍ରେମ ଅସୀମିତ ଓ ନିଃସ୍ୱାର୍ଥ, ଠିକ୍ ସେହିପରି ମା' ପାଇଁ ପ୍ରତ୍ୟେକ ଦିନ ପାଇଁ ଉତ୍ସର୍ଗ କରାଯାଏ ତେବେ ତାହା ବି କମ୍ ପଡ଼ିବ । ଯଦି ଆମେ ବି ବିନା ସ୍ୱାର୍ଥରେ ମା'କୁ ଆଦର ଯତ୍ନ କରି ତା'ର ମମତାକୁ ନ ଭୁଲି ପ୍ରତିଟି ସୁଖଦୁଃଖରେ ସହଯୋଗ କରିବା ତେବେ ନିଶ୍ଚିତ ଭାବେ ନିଜ ଜୀବନ ସାର୍ଥକ ହୋଇପାରିବ। କାନ୍ତକବି ଲକ୍ଷ୍ମୀକାନ୍ତ ତାଙ୍କ ଅନନ୍ୟ ରଚନାରେ ଜନନୀ ଓ ଜନ୍ମଭୂମିକୁ ଉଚ୍ଚତର ସ୍ଥାନ ଦେଇ ଉଲ୍ଲେଖ କରିଛନ୍ତି - 'ସ୍ୱର୍ଗଠାରୁ ବଡ଼ ଜନ୍ମଭୂମି ଓ ଜନନୀ, ପୂଜିବି ତାହାଙ୍କୁ ନିତି ଠାକୁରାଣୀ ମଣି। ମାତାଙ୍କ କଲ୍ୟାଣେ ସବୁ ହୁଅଇ ମଙ୍ଗଳ, କୋଟି ଜୁହାର ମୋର ତାଙ୍କ ପାଦ ତଳ।'

ଲିଙ୍ଗୀପଡ଼ା, ଧବଳେଶ୍ୱର, କଟକ,
ଦୂରଭାଷ : ୯୭୭୮୪୪୯୧୧୯

ମାତୃ ଦିବସ



# ମାତୃତ୍ୱର ସ୍ପନ୍ଦନ ଓ ସଂକେତ

**ମାଆ – ତ୍ୟାଗ, ସତ୍ୟ, ପ୍ରେମର ପ୍ରତୀକ। ସେ ସର୍ବଂସହା ଜନନୀ।**

ମାନମୟୀ ରଥ

**ସଂସାରର ଯାବତୀୟ କଷଣ ଭିତରେ ପିଲାଙ୍କ ଲାଗି ସେ ନିଜେ ସାଜେ ପ୍ରାଣ। ସେ କର୍ମ, ସେ ଧର୍ମ, ସେ କ୍ରାନ୍ତି, ଶାନ୍ତି। ସେ ସାହସ, ସେ ଧୈର୍ଯ୍ୟ। ସେ ସ୍ନେହ ଓ ସୌହାର୍ଦ୍ଦ୍ୟ। ସେ ଅନ୍ଧାରରେ ଆଲୋକ ପୁଣି ବିବେକର ଡାକ। ସେ ଖୁସି, ସେ ପ୍ରୀତି। ସେ ମାଟି ଭଳି ବିଛେଇଥାଏ ତାର ମହୀମ୍ନ ସ୍ଥିତି। ସେ ଆକାଶ ଭଳି ଅସୀମ, ବିଶାଳ ଓ ଉଦାର। ସନ୍ତାନ ନିମନ୍ତେ ଆକାଶ ଭଳି ସ୍ୱଚ୍ଛ ମନ ତା’ର, ସେ ପୁଣି ମୂଲ୍ୟାୟନ ବେଳକୁ ମହାଶୂନ୍ୟ। ସେ ମାଆ – ମମତାର ସାଗର, ସେବା ଓ ସୌନ୍ଦର୍ଯ୍ୟର ଗନ୍ତାଘର। ସେ ନିଜେ ହିଁ ପ୍ରାର୍ଥନା। ନିଜେ ପୁଣି ପ୍ରେରଣା। ଏମିତିରେ ମାଆ ଗୋଟିଏ ସହଜ ଶବ୍ଦ ଯାହାକୁ ଅନୁଭବି ହୁଏ ସିନା ଭାଷାରେ ବର୍ଣ୍ଣିବା ଖୁବ ଅସହଜ।**

ପିଲାଙ୍କ ପାଟିରେ ସେ ମାଆ ବୋଲାଏ। ମାମା ହୁଏ। ଆମ୍ମା, ମମି, ବୋଉ, ଅମି, ଆଇ, ଅମ୍ମେ ଭଳି ଅସଂଖ୍ୟ ପ୍ରତିଶବ୍ଦ ତା’ର। ସେହି ଗୋଟିକ ଶବ୍ଦରେ ମମତାର ମହୁ ବର୍ଷୁଥାଏ। ଗୋଟିଏ ଡାକ ଅଥଚ ଅସରନ୍ତି ତାର ଭାବ ଓ ଅନୁଭବ। ସେ ଡାକର ସତରେ ବିକଳ୍ପ ନାହିଁ। ଯେମିତି ଆରମ୍ଭ ସେ, ଅନ୍ତିମ ବି। ଖୁସିରେ ଅଧିର ହେଲେ, ଭୟରେ ଆଖି ବୁଜି ହୋଇଗଲେ, ଝୁଣ୍ଟି ପଡ଼ିଲେ କି ଦୁଃଖରେ କାତର ହେଲେ ସେହି ଡାକ ହିଁ ଛିଟିକି ପଡ଼େ କଣ୍ଠରୁ। ଶବ୍ଦର ଦରୋଟିରେ ହେଉ କି ପରିପକ୍ୱତାରେ ମାଆ ଡାକର ପର୍ଯ୍ୟାନ୍ତର ନାହିଁ। ତା’ରି ହସରେ ଫୁଟି ଦିଶେ ଦେବୀପଣ। ତା’ ପଣତ ତଳ ପିଲାଙ୍କ ଅଭୟ ଆଶ୍ରୟ।

ଇତିହାସ ଓ ପୁରାଣ ପୃଷ୍ଠାରେ ଅନେକ ମାତୃ ଚରିତ୍ର ଅଛନ୍ତି ଯେଉଁମାନେ ନିଜ ବ୍ୟକ୍ତିତ୍ୱ ବଳରେ ସନ୍ତାନର ଉନ୍ନତି ସମ୍ଭବ କରାଇଛନ୍ତି। ଉଦାହରଣ ସ୍ୱରୂପ ଛତ୍ରପତି ଶିବାଜୀଙ୍କ ମାଆ ଜିଜାବାଇ। ଶିବାଜୀଙ୍କ ହୃଦୟରେ ଦେଶପ୍ରେମ, ତ୍ୟାଗ ଓ ସାହସ ଭରିଦେଇ ସେ ତାଙ୍କୁ ଏକ ମହାନ ଚରିତ୍ର କରି ଗଢି ତୋଳିଥିଲେ। ତାଙ୍କ ପ୍ରେରଣା କେତେ ମହନୀୟ ଥିଲା ସେକଥା ଶିବାଜୀ ବାରମ୍ବାର ସ୍ୱୀକାର କରିଛନ୍ତି। ମୋଗଲ ବିରୁଦ୍ଧରେ ତାଙ୍କର ସମସ୍ତ ଅଭିଯାନରେ ମାତା ଜିଜାବାଇଙ୍କ ପ୍ରେରଣା ଥିଲା ସାହସଦାୟୀ। ଗାନ୍ଧିଜୀଙ୍କ ମାଆ ପୁତୁଳି ବାଈ ଆଉ ଏକ ପ୍ରସିଦ୍ଧ ମାତୃ ଚରିତ୍ର। ଅତ୍ୟନ୍ତ ସରଳ ଓ ଧର୍ମପରାୟଣ ମହିଳା ପୁତୁଳୀ ବାଇ ଗାନ୍ଧୀଙ୍କ ହୃଦୟରେ ଅହିଂସା ପାଇଁ ପ୍ରେରଣା ସୃଷ୍ଟି କରିବାରେ, ତାଙ୍କୁ ସତ୍ୟାଶ୍ରୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆତ୍ମଜୀବନୀରେ ଗାନ୍ଧିଜୀ ନିଜ ଜୀବନ ଗଠନ ଦିଗରେ ମାଆଙ୍କ ପ୍ରଭାବ କେତେ ଅଧିକ ଥିଲା ସେହି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଆଉ ଜଣେ ମହନୀୟ ମାତୃ ଚରିତ୍ର ହେଲେ ଶହୀଦ ଭଗତ୍ ସିଂହଙ୍କ ମାଆ ବିଦ୍ୟାବତୀ। ପୁତ୍ର ହୃଦୟରେ ଲଢୁଆ ମନୋଭାବ, ସାହସ, ଆତ୍ମ ବଳିଦାନର ସ୍ପନ୍ଦନ ସୃଷ୍ଟି କରିବାରେ ତାଙ୍କର ଥିଲା ପ୍ରମୁଖ ଭୂମିକା। ତାଙ୍କର ପ୍ରେରଣାରେ ଅନୁପ୍ରେରିତ ଭଗତ ସିଂହ ଦେଶ ପାଇଁ ହସି ହସି ଫାଶୀ ଖୁଣ୍ଟରେ ଝୁଲିପଡିଥିଲେ। ଏହି କ୍ରମରେ ନେତାଜୀଙ୍କ ମାଆ ପ୍ରଭାବତୀଙ୍କ ଉଦାହରଣ ମଧ୍ୟ ଉଲ୍ଲେଖଯୋଗ୍ୟ। ପୁରାଣରେ ପାର୍ବତୀ, ଯଶୋଦା, କୌଶଲ୍ୟା ଭଳି ମାତୃ ଚରିତ୍ର ଘରେ ଘରେ ପ୍ରିୟ। ମଦର ଟେରେସା, ଆନିବେସାନ୍ତ, ପ୍ରିନ୍ସେସ ଡାଏନା, ଏଲିଅନର ରୁଜଭେଲଟ ପ୍ରମୁଖ ନାରୀ ଚରିତ୍ର ମାତୃତ୍ୱର ସ୍ୱତନ୍ତ୍ର ନମୁନା ରୂପେ ଉଭା ହୁଅନ୍ତି। ମଦର ଟେରେସାଙ୍କ ସେବା ଓ ଦାତବ୍ୟତା, ଅବହେଳିତ ଶିଶୁଙ୍କ ମଧ୍ୟରୁ ପ୍ରତିଭା ଚିହ୍ନଟ କରି ବ୍ୟକ୍ତିତ୍ୱ ନିର୍ମାଣ, ଡାଏନାଙ୍କ ସମାଜସେବା, ନିଜକୁ ଗୌଣ କରି ସମାଜର ନିଷ୍ପେସିତ ମଣିଷଙ୍କ ପାଇଁ ନିରନ୍ତର କାମ କରୁଥିବା ରୁଜଭେଲଟ ମାଆ ଭାବର ସୁନ୍ଦର ଓ ସାର୍ଥକ ପରିପ୍ରକାଶ।



ଚିତ୍ରରେ, ନୃତ୍ୟରେ, ସଙ୍ଗୀତରେ, ସାହିତ୍ୟରେ ମାଆର ବର୍ଣ୍ଣନା ମନକୁ ଭାବପ୍ରବଣ କରେ। ସ୍ରୋତସ୍ୱତୀ ପ୍ରଥମ ଭାଗ ପୃଷ୍ଠା ବାଇଶିରେ ଗୋପୀନାଥ ମହାନ୍ତି ଲେଖିଛନ୍ତି, ‘ଯେ ମତେ ତା’ ଆପଣା ଭିତରୁ ଗଢ଼ି ଏ ସଂସାରକୁ ଆଣିଥିଲା, ନିଜେ ଏ ସଂସାରରୁ ଚାଲିଯିବା ଯାକେ



କୋଡ଼ରେ ପୂରେଇ ଜଗି ରହିଥିଲା ତା'ର ପ୍ରାଣ ଦେଇ, ତା'ର ସୂକ୍ଷ୍ମତମ ଚେତନା ଦେଇ, ସେ ମୋର କଣ, ମୋ ଆଖିରେ ସେ କିଏ, କେମିତି ତାକୁ ତୁଣ୍ଡରେ କହିବାକୁ ଭାଷା ନାହିଁ, ବୋଧହୁଏ କୌଣସି ସନ୍ତାନର ନାହିଁ, ବୋଧହୁଏ କୌଣସିର ସନ୍ତାନ ନଥାଏ ...ମୋ ବୋଉ ମୋ ଭିତରେ, ବାହାରେ, ମୋ ରକ୍ତରେ, ମୋ ନିଃଶ୍ୱାସରେ ... ।' କବି ସୁଷମା ମିଶ୍ର ଠାଏ ଲେଖିଛନ୍ତି , 'ବୋଉ ହେଲା ପରେ / ଅଙ୍ଗେ ଲିଭାଇଲି / ବୋଉର ମାନେ ନିଜକୁ ମୂର୍ଚ୍ଛିଦେବା ଅକାତରେ / ବୋଉର ମାନେ ଓଦା କାଠ ପରି ଜଳିବା / ସଂସାର ଚୁଲିରେ ।'

ବୋଉକୁ ପୂଜା, ଆରାଧନାର ପ୍ରତୀକ କରି କବି ରକ୍ଷକ ନାୟକ ଲେଖନ୍ତି, 'ଏବେ ଏବେ ଦେଖୁଛି / ବୋଉ ପ୍ରାୟ ନିରବରେ / ବସି ରହୁଛି ଠାକୁରଙ୍କ ସାମ୍ନାରେ / ମତେ ଲାଗୁଛି / ବୋଉ ଆଉ ପୂଜା କରୁନାହିଁ / ଠାକୁରମାନେ ତାକୁ ପୂଜା କରୁଛନ୍ତି / ଅଚଳ ଭକ୍ତିରେ ।'

ମାଆ ଜୀବନର ଏକ ବିଦ୍ୟାଳୟ ଯେଉଁଠି ପିଲା ଆରମ୍ଭ କରେ ସାମାଜିକ ଜୀବନର ଖଡ଼ିପାଠ । ମଧୁବାବୁଙ୍କ ଉକ୍ତିରେ, 'ଜନମ କାଳରୁ ମୁଖେ ଦେଇ ସ୍ତନ / ମାତା ଶିଖାଇଲା ପରାର୍ଥେ ଜୀବନ ।' ଅର୍ଥାତ୍ ସ୍ୱାର୍ଥପରତା ନୁହେଁ ମାଆ ଶିଖାଏ ପରାର୍ଥେ ଜୀବନ । ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ଲୋଭ ଓ ନିରାପତ୍ତାକୁ ହେୟଜ୍ଞାନ କରି ମାଆଟିଏ ଡେଇଁ ଯାଏ ସାତ ସମୁଦ୍ର ତେର ନଈର ଦୂରତା । ବେଳେବେଳେ ଆଶ୍ଚର୍ଯ୍ୟ ହେବାକୁ ପଡେ କେଉଁଠୁ ଆସେ ଏତେ ଶକ୍ତି ମାଆର ସେ ଦୁର୍ବଳ ଦେହରେ । ଶିଶୁକୁ ଗର୍ଭରେ ଧାରଣ କରିବା ଦିନୁଁ ଯାବତୀୟ ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ ଧାରଣ କରିଥାଏ ମାଆ । କୁହାଯାଏ ପ୍ରସବଜନିତ ଯନ୍ତ୍ରଣା ପୃଥିବୀର ସର୍ବୋତ୍ତମ ଯନ୍ତ୍ରଣା ଯାହାକୁ ମାଆପଣିଆର ଗୌରବରେ ଆତ୍ମସ୍ଥ କରିଥାଏ ମାଆ । ଶକୁନ୍ତଳା କଳଙ୍କ କଥା ଏହି ପ୍ରସଙ୍ଗରେ କୁହାଯାଇପାରେ । ତୃତୀୟ ଲକ୍‌ଡାଉନ୍ ବେଳେ ମହାରାଷ୍ଟ୍ରରୁ ମଧ୍ୟପ୍ରଦେଶର ସାତନା ଚାଲି ଚାଲି ଯିବା ବାଟରେ ଚତୁର୍ଥ ସନ୍ତାନକୁ ଜନ୍ମ ଦେଇ ପୁନଶ୍ଚ ଦୁଇ ଘଣ୍ଟାପରେ ଶହେ ତିରିଶ କିଲୋମିଟର ବାଟ ଚାଲିଥିଲେ ସେ ।

ନାରୀକୁ ଜୈବିକ ଦିଗରୁ ମାତୃତ୍ୱ ଦିଏ ପୁରୁଷ । ଅନେକତ୍ର ପୁରୁଷ ହୃଦୟରେ ମଧ୍ୟ କୋମଳ ମାତୃଭାବର ସଂଚାର ଘଟେ । ମାଆ ଛେଉଣ୍ଡ ସନ୍ତାନର ସେ ପାଲଟିଯାଏ ମାତା । ମାତୃପଣର ସଂଚାର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବରେ ଘଟେ । କିଏ ସନ୍ତାନକୁ ମାତୃତ୍ୱ ଦିଏ, କିଏ ଜୀବଜନ୍ତୁଙ୍କ ପାଇଁ ମାତୃତ୍ୱ ନିଗାଡେ, କିଏ ଅନୁଷ୍ଠାନଟିଏ ଗଢି ତାର ମାଆ ହୁଏ ତ ଆଉ କିଏ ଗଛପତ୍ରଙ୍କୁ ଆଦର କରି ମାତୃତ୍ୱ ବିକଶିତ କରେ ।

ଭୁବନେଶ୍ୱରରୁ ଚଳଚ୍ଚିତ୍ର ଅଭିନେତ୍ରୀ, ସୁସାହିତ୍ୟିକା ଭାସ୍ୱତୀ ବସୁ ମାତୃଦିବସର ପାଳନ ସମ୍ପର୍କରେ କୁହନ୍ତି, ରାସ୍ତାରେ ଆସିଲା ବେଳେ ଚକଲେଟ୍ ଦୋକାନଟିଏ ଆଖିରେ ପଡିଲା । ମନେ ପଡ଼ିଗଲା ମଦର୍ସ ଡେ । ଦୁଇଟି ପ୍ୟାକେଟ ଚକଲେଟ କିଣୁଥିଲି । ଗୋଟେ ମୋ ମା ପାଇଁ, ଆଉ ଗୋଟେ ଶାଶୁ ପାଇଁ । ଆହା, ସେତକରେ ଦୁଇ ଜଣଙ୍କ ମୁହଁରେ ଯୋଉ ହସ ଖେଳୁଥିଲା ! ପ୍ରତି ବର୍ଷ ଏଇ ଦିନରେ ମୋ ଝିଅ ମୋ ପାଇଁ କାର୍ଡ ତିଆରି କରେ । ଅନେକ ଲୋକ ଭାବନ୍ତି ଯେ ମାଆଙ୍କୁ ଭଲପାଇବା ପାଇଁ ଅଲଗା ଭାବରେ ଗୋଟେ ନିର୍ଦ୍ଦିଷ୍ଟ ଦିନ ଦରକାର ନାହିଁ । କଥାଟା ସତ, ହେଲେ ଏହି ନିର୍ଦ୍ଦିଷ୍ଟ, ବିଶେଷ ଦିନ ଗୁଡ଼ିକ ଆମ ମନ କଥା କହିବାର ଉପଲକ୍ଷ ତିଆରି କରି ଦିଏ । ବର୍ତ୍ତମାନ ସମାଜରେ ସମ୍ପର୍କର ଉଷ୍ମତା ବହୁତ ଅଂଶରେ ଯାନ୍ତ୍ରିକତା ତଳେ ଦବି ଯାଉଛି । ବ୍ୟସ୍ତତା, ଆତ୍ମକୈନ୍ଦ୍ରିକତା ଏବଂ ସାମାଜିକ ଟଣାଓଟରା ଭିତରେ ମଣିଷ ଧୀରେ ଧୀରେ ଆବେଗ ପ୍ରକାଶର ଭାଷା ଭୁଲିବାକୁ ବସିଛି । ଏଭଳି ଗୋଟିଏ ବିଡ଼ମ୍ବିତ ପରିସ୍ଥିତିରେ ମାତୃଦିବସର ପ୍ରାସଙ୍ଗିକତା ଆହୁରି ଗଭୀର ହେଇ ଉଠିଛି ।

ମା' କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ସିଏ ପ୍ରେମ, ତ୍ୟାଗ, ଧୈର୍ଯ୍ୟ ଓ ନିଃସ୍ୱାର୍ଥ ସ୍ନେହର ପ୍ରତୀକ । ପିଲା ଯେତେ ବଡ଼ ହେଲେ ବି ମା ପାଖରେ ସେ ସବୁବେଳେ ନିରାପଦ ଆଶ୍ରୟଟିଏ ଖୋଜି ପାଏ । ହେଲେ ଆଧୁନିକ ଜୀବନର ବ୍ୟସ୍ତ ଛନ୍ଦ ଭିତରେ ପ୍ରାୟ ସମୟରେ ମାଆଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ସୁଯୋଗ ବା ମାନସିକତା କମିଯାଏ । ମାତୃ ଦିବସ ସେହି ଭୁଲିଯାଇଥିବା ଅନୁଭୂତିମାନଙ୍କୁ ପୁଣି ଥରେ ମନେ ପକେଇ ଦିଏ । ଗୋଟିଏ ଛୋଟିଆ ଉପହାର, ଏକାଠି ଟିକେ ସମୟ ବିତାଇବା କିମ୍ବା କିଛି ଆନ୍ତରିକ ଶବ୍ଦ - ଏ ସବୁ କିଛି ମାଆଙ୍କ ମୁହଁରେ ହସ ଖେଳେଇ ଦେଇପାରେ ।

ଭବାନୀପାଟଣାରୁ ଅଧ୍ୟାପିକା, ସାହିତ୍ୟିକା ପଲ୍ଲୀଶ୍ରୀ ପଟ୍ଟନାୟକ କୁହନ୍ତି, ମା' ଛୁଆକୁ ଦୁନିଆର ଆଲୋକ ଦେଖେଇଥିବା ପରମସତ୍ତା । ସାମାଜିକ ପରିସ୍ଥିତି ଯାହାହେଉ ନା କାହିଁକି ମା'ଙ୍କ ହୃଦୟ କେବେ ହେଲେ ବଦଳେନାହିଁ, ଚିରନ୍ତନ ପ୍ରେମର ଝରଣାଟିଏ ହୋଇ ବହୁଥାଏ, ଚିରକାଳ ଆଶୀର୍ବାଦର ହାତଟିଏ ହୋଇ ଛୁଆ ମଥାରେ ଥାଏ । ହଁ, ଆଜି ଜରାନିବାସ ବଢୁଛି, ଛୁଆମାନେ ବଦଳି ଯାଉଛନ୍ତି । ହେଲେ ମା ? ମା'ତ ଚିରଦିନ ମା', ଛୁଆର ଆଦିମ ମଙ୍ଗଳାକାଂକ୍ଷୀ, ହାତ ଯୋଡି ପ୍ରାର୍ଥନା ମୁଦ୍ରାରେ ଅନନ୍ତକାଳରୁ ରହିଛି, ରହିବ । ଏ ବିଶ୍ୱର ପ୍ରତିଟି ମା'ଙ୍କୁ ପ୍ରଣାମ ।



ରାଉରକେଲାରୁ ସାହିତ୍ୟିକ, ଶିକ୍ଷାବିତ୍ ସୁସ୍ମିତା ମହାପାତ୍ର କୁହନ୍ତି, ସମ୍ପ୍ରତି ସମାଜର ଯାହା ପରିସ୍ଥିତି, ମା'ର ସନ୍ତାନ ପ୍ରତି କେତେ ମମତା, କେତେ ତ୍ୟାଗ, କେତେ ଉତ୍ସର୍ଗୀକୃତ ମନୋଭାବ ଅଛି, ତାହା ବିଚାର ସାପେକ୍ଷ । ଆଉ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଆମେ, ଆମ ପିଲାଙ୍କୁ ମୂଳରୁ କେତେ ସଂସ୍କାରୀ ଓ ସଂସ୍କୃତି ସମ୍ପନ୍ନ କରି ପାରିଛୁ । ତେଣୁ ଉତ୍ତମ ସନ୍ତାନଟିଏ ସୃଷ୍ଟି କରିବା ପାଇଁ ପ୍ରଚ୍ଛଦରେ ମା'ର ଭୂମିକା ସର୍ବାଗ୍ରେ ରହିଛି । ଏଣୁ ପ୍ରତ୍ୟେକ ମା'ଙ୍କୁ ତାଙ୍କର କର୍ତ୍ତବ୍ୟ, ଦାୟିତ୍ୱ, ତ୍ୟାଗ ଓ ବଳିଦାନର ଫଳଶ୍ରୁତି ସ୍ୱରୂପ ମାତୃ ପୂଜନ ମାଧ୍ୟମରେ ମାତୃ ଦିବସ ପାଳନ ଏକାନ୍ତ ଅପରିହାର୍ଯ୍ୟ ।

ସୋନପୁରରୁ ସାହିତ୍ୟିକ, କଳାକାର କ୍ଷୀରୋଦ ବିଶ୍ୱାଳ କୁହନ୍ତି, 'ବର୍ତ୍ତମାନର ଜଟିଳ ତଥା ବିଡ଼ମ୍ବିତ ସାମାଜିକ ପରିସ୍ଥିତିରେ ମାତୃ ଦିବସର ପ୍ରାସଙ୍ଗିକତା କେବଳ ଏକ ପାଳନ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନବୀୟ ମୂଲ୍ୟବୋଧର ପୁନରୁଦ୍ଧାର ପାଇଁ ଏକ ଆହ୍ୱାନ । ଆଜିର ବସ୍ତୁବାଦୀ ଦୁନିଆରେ, ଯେଉଁଠି ସମ୍ପର୍କ ଅପେକ୍ଷା ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଉଛି, ସେଠାରେ 'ମାଆ' ଶବ୍ଦର ଗଭୀରତାକୁ ବୁଝିବା ଅତ୍ୟନ୍ତ ଜରୁରୀ ।ମାତୃ ଦିବସ କେବଳ ସୋସିଆଲ ମିଡିଆରେ ଫଟୋ ଶେୟାର କରିବାର ଦିନ ନୁହେଁ, ବରଂ ଏହା ନିଜର ଚେର ବା ମୂଳକୁ ମନେ ପକାଇବାର ଦିନ । ମାତୃ ଦିବସ ଆମକୁ ସେହି 'ନିସ୍ୱାର୍ଥପର ପ୍ରେମ' ବିଷୟରେ ସଚେତନ କରାଏ, ଯାହା ସମାଜକୁ ଯୋଡ଼ି ରଖିବା ପାଇଁ ଏକ ଅଦୃଶ୍ୟ ଶକ୍ତି ଭାବେ କାମ କରେ । ନାରୀ ଶକ୍ତି ଓ ସମ୍ମାନର ପ୍ରତୀକ । ମାତୃତ୍ୱ କେବଳ ଜନ୍ମଦାତ୍ରୀ ମଧ୍ୟରେ ସୀମିତ ନୁହେଁ ; ଏହା ସହନଶୀଳତା, ତ୍ୟାଗ ଏବଂ ସୃଜନଶୀଳତାର ପ୍ରତୀକ ।

ନୂତନ ପୀଢ଼ି ପାଇଁ ମାତୃ ଦିବସ ଏକ ଶିକ୍ଷା । ସଂସ୍କାର, ସଂସ୍କୃତି ଏବଂ ମାନବିକତା ଶିଖିବାର ପ୍ରଥମ ପାଠଶାଳା ହେଉଛନ୍ତି ମାଆ । ସାମାଜିକ ବିଶୃଙ୍ଖଳା ମଧ୍ୟରେ ଶାନ୍ତି ଏବଂ ସଂହତିର ବାର୍ତ୍ତା ମାତୃତ୍ୱରୁ ହିଁ ଆରମ୍ଭ ହୁଏ । ଯେ ପର୍ଯ୍ୟନ୍ତ ସମାଜରେ ଅବହେଳିତ ମାତୃତ୍ୱ ଅଛି, ସେ ପର୍ଯ୍ୟନ୍ତ ଏହି ଦିବସ ଆମକୁ ଆତ୍ମସମୀକ୍ଷା କରିବାକୁ ବାଧ୍ୟ କରିବ । ମାଆଙ୍କୁ ସମ୍ମାନ ଦେବା ଅର୍ଥ ହେଉଛି ସୃଷ୍ଟି ଓ ସଂସ୍କୃତିକୁ ସମ୍ମାନ ଦେବା ।'

ରାୟସାନ୍ଦ୍ର, ବେଙ୍ଗାଲୋରରୁ ଶିକ୍ଷାବିତ୍ ତୃପ୍ତିରେଖା ଦାସମହାପାତ୍ର କୁହନ୍ତି, 'ବିଡ଼ମ୍ବିତ ସାମାଜିକ ପରିସ୍ଥିତିରେ ମାତୃ ଦିବସ କେବଳ ଉତ୍ସବ ନୁହେଁ, ଏହା ମା'ଙ୍କ ଅବଦାନକୁ ପୁନଃ ଚିହ୍ନିବାର ଅବସର । ଆଜିର ବ୍ୟସ୍ତ ଜୀବନ, ବୃଦ୍ଧାଶ୍ରମର ବୃଦ୍ଧି ଓ ପରିବାରିକ ଦୂରତା ମଧ୍ୟରେ ଏହି ଦିବସ ଆମକୁ ଆତ୍ମପରିଶୋଧନା କରାଏ । ମା'ଙ୍କ ତ୍ୟାଗ, ସହନଶୀଳତା ଓ ନିର୍ଲୋଭ ସ୍ନେହକୁ କେବଳ ଏକ ଦିନରେ ସୀମିତ ନକରି, ପ୍ରତିଦିନ ସମ୍ମାନ ଦେବା ଆବଶ୍ୟକ । ସମାଜରେ ନାରୀ ଓ ମାତୃତ୍ୱ ପ୍ରତି ସୁରକ୍ଷା, ସମ୍ମାନ ଓ ସମ୍ବେଦନଶୀଳତା ବଢ଼ିବା ହିଁ ମାତୃ ଦିବସର ସତ୍ୟ ପ୍ରାସଙ୍ଗିକତା । ଏହି ଦିନ ଆମକୁ ସ୍ମରଣ କରାଏ- ମା'ଙ୍କ ସମ୍ମାନ ହେଉଛି ସଭ୍ୟ ସମାଜର ସବୁଠୁ ବଡ଼ ପରିଚୟ ।'

କଟକରୁ ଶୁଭଶ୍ରୀ ମହାରଣା କୁହନ୍ତି, 'ମାଆ' ଶବ୍ଦ ଚିରକାଳ ପ୍ରାସଙ୍ଗିକତାର ଊର୍ଦ୍ଧ୍ୱରେ । ଗୋଟିଏ ଉତ୍ତମ ସମାଜ ଗଠନ ଦିଗରେ ମାଆର ଭୂମିକା ସର୍ବାଗ୍ରେ । ନେପୋଲିୟନଙ୍କ ଭାଷାରେ "ମୋତେ ଜଣେ ଉତ୍ତମ ମାଆ ଦିଅ, ମୁଁ ତୁମକୁ ଗୋଟିଏ ଉତ୍ତମ ଜାତି ଦେବି ।' ଈଶ୍ୱରଙ୍କ ସୃଷ୍ଟିରେ ମାଆ ହିଁ ଶକ୍ତିର ଉତ୍ସ ।

ଏ ଶକ୍ତିର ଉପାସନା କରିପାରିଲେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ମାଆ ପାଇଁ କେବଳ ଗୋଟିଏ ଦିନ ଯଥେଷ୍ଟ ନୁହେଁ ।ମାଆ ଥିଲେ ସବୁଦିନ ଉତ୍ସବମୁଖର । ତା' ଭିତରେ ଭରିରହିଛି କସ୍ତୁରୀର ମହକ, ସେ ନଥିଲେ ସବୁ ଛାରଖାର ।

ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ କୁହନ୍ତି, 'ମାତୃଦିବସ କେବଳ ଏକ ଉତ୍ସବ ନୁହେଁ, ମାଆଙ୍କ ପ୍ରତି କୃତଜ୍ଞତା ଜଣାଇବାର ଏକ ସୁଯୋଗ । ଆମକୁ ନିଜକୁ ଆତ୍ମସମୀକ୍ଷା କରିବାକୁ ହେବ ଯେ ମାଆଙ୍କୁ ଆମେ କେତେ ଆଦର କରୁଛେ, କେତେ ସମୟ ଦେଉଛେ ? ସୋସିଆଲ ମିଡ଼ିଆରେ ଫୋଟୋ ପୋଷ୍ଟ କରିବା ବା ତାଙ୍କୁ ଏହିଦିନ ଉପହାର ଦେବା ମାତୃଭକ୍ତି ବା ମାଆଙ୍କୁ ଭଲ ପାଇବାର ନିଦର୍ଶନ ନୁହେଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମାତୃ ଦିବସ ଆମ ପରବର୍ତ୍ତୀ ପିଢ଼ୀକୁ ମା'ଙ୍କ ମହତ୍ତ୍ୱ ବୁଝାଇବାର ଏକ ମାଧ୍ୟମ । ପିଲାମାନେ ଯେତେବେଳେ ମା'ଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବାର ଶିକ୍ଷା ପାଆନ୍ତି, ସେତେବେଳେ ଏକ ସୁସ୍ଥ ଓ ସମ୍ବେଦନଶୀଳ ସମାଜ ଗଢ଼ିଉଠେ । ତେଣୁ କୁହାଯାଇପାରେ, ବର୍ତ୍ତମାନର ବିଡ଼ମ୍ବିତ ସାମାଜିକ ପରିସ୍ଥିତିରେ ମାତୃ ଦିବସର ପ୍ରାସଙ୍ଗିକତା କମିନାହିଁ ; ବରଂ ଆହୁରି ବଢ଼ିଛି । ଏହି ଦିବସ ଆମକୁ ସ୍ମରଣ କରାଏ- ମା' କେବଳ ଜଣେ ବ୍ୟକ୍ତି ନୁହେଁ, ସେ ହେଉଛନ୍ତି ଏକ ଅନୁଭବ, ଏକ ଆଶୀର୍ବାଦ ଓ ଜୀବନର ସବୁଠାରୁ ନିରାପଦ ଆଶ୍ରୟ ।'

ଡାକ୍ତର ଏବଂ ସାହିତ୍ୟିକ ଇପ୍ସିତା ପ୍ରଧାନ କୁହନ୍ତି, "ଯେତେବେଳେ ସମାଜ ଜଣେ ନାରୀର ସମ୍ମାନ, ସୁରକ୍ଷା ଏବଂ ମର୍ଯ୍ୟାଦା ରକ୍ଷା କରିବାରେ ବିଫଳ ହୋଇଥାଏ ସେତେବେଳେ ମାତୃଦିବସ ପାଳନ ତା'ର ଅସ୍ତିତ୍ୱ



ହରାଇଲା ପରି ଲାଗିଥାଏ, ତଥାପି ଏହା ଆମକୁ ସମାଜରେ ସେହି ଇପ୍‌ସିତ ପରିବର୍ତ୍ତନ ଆଣିବା ଦିଗରେ ଚେଷ୍ଟା କରିବା ଦିଗରେ ନିରନ୍ତର ପ୍ରେରଣା ଦେଇଥାଏ।”

ନୟାଗଡରୁ ଅଭିନେତ୍ରୀ ଯଶସ୍ୱିନୀ କୁହନ୍ତି, ମାଆ ଯିଏ ଆକାଶ, ସମୁଦ୍ର, ଧରିତ୍ରୀ ଠାରୁ ବି ବଡ଼ ଯାହାର ନା ପରିସୀମା ଅଛି ନା ଆକଳନ କରିହେବ। ଆଧୁନିକ ସମୟରେ ମାତୃ ଦିବସ ପାଳନ କେବଳ ସୋସିଆଲ ମିଡିଆ ପାଇଁ କହିଲେ ଚଳେ। ପ୍ରାଚୀନ ସମୟରେ ମାତୃ ଦିବସ ନଥିଲା କି ବୃଦ୍ଧା ଆଶ୍ରମ ନଥିଲା କିନ୍ତୁ ଆଧୁନିକ ସମୟରେ ମାତୃ ଦିବସ ପାଳନର ଶହ ଶହ ଭିଡିଓ ସହ ବୃଦ୍ଧା ଆଶ୍ରମ ର ଖୋଲିବାରେ ଲାଗିଛି। ଯଦି ଏହା ଲୋକଦେଖାଣିଆ ନହୋଇ ବାସ୍ତବଧର୍ମୀ ହୁଅନ୍ତା ତାହାଲେ ସୁନ୍ଦର ସମାଜ ଗଠନ ହୋଇପାରନ୍ତା।’

ସବୁଠାରୁ ଅନ୍ତରଙ୍ଗ ଜୈବିକ ଅସ୍ତିତ୍ୱ ହେଉଛି ମାଆ । ପ୍ରତ୍ୟେକ ପ୍ରାଣୀ ଦୁନିଆକୁ ଆସିଥାନ୍ତି ମାଆକୁ ମାଧମ କରି। ମାଆ ଜୀବନ ଦିଏ ଓ ତାର ସମ୍ପ୍ରସାରଣ କରେ। ସେଥିପାଇଁ ତ ଦେଶକୁ ମାତୃଭୂମି କୁହାଯାଏ - ପିତୃଭୂମି ନୁହେଁ। ମାଆ ପୁଣି ଆଦର୍ଶର ଅନୁପ୍ରେରଣା ହୁଏ। ଶଙ୍କରାଚାର୍ଯ୍ୟଙ୍କ ଭାଷାରେ, କୁପୁତ୍ର ସମ୍ଭବ ମାତ୍ର କୁମାତା ନୁହେଁ। ନିଃସର୍ତ୍ତ ଭଲପାଇବା ଓ ନିରାପଦ ଆଶ୍ରୟର ନିଡ଼ ହେଉଛି ମାଆ। ମାଆ ମଧ ଆମର ପ୍ରଥମ ଶିକ୍ଷୟିତ୍ରୀ। ସେ ହିଁ ଆମକୁ ଚାଳ ଠାରୁ ଆରମ୍ଭ କରି ଚନ୍ଦ୍ର ପର୍ଯ୍ୟନ୍ତ ସମସ୍ତଙ୍କ ସହ ପରିଚିତ କରାଏ। ସେ ଆମକୁ ଦୁନିଆଁ ସହ ଯୋଡି ଆମ ହୃଦୟରେ ଅନନୁଭୁତ ଜୈବିକ ଆନନ୍ଦ ସୃଷ୍ଟି କରେ। ଗର୍କିଙ୍କ ମାଆ ତ ବ୍ୟକ୍ତିଗତ ମାତୃତ୍ୱରୁ ସାର୍ବଜନୀନ ମାତୃତ୍ୱ ଆଡକୁ ଉନ୍ମୋଚିତ ଏକ ଅନବଦ୍ୟ ଚରିତ୍ର। ମାଆ ଆମ ଭିତରେ ତିଆରି କରେ ଭାଷା ସଂସ୍କାର। କୋମଳତା, ନମ୍ରତା, ସହିଷ୍ଣୁତା ଓ ଉଦାରତା ମାଆ ଆମକୁ ଦିଏ ଲୋହିତ ରକ୍ତ କଣିକା ଆକାରରେ। ସନ୍ତାନ ଯାହା କହି ନପାରେ ମାଆ ତାକୁ ବୁଝିପାରେ। ମାଆର କୋଳ ସବୁଠାରୁ ନିରାପଦ ଆଶ୍ରୟସ୍ଥଳ। ସେ ହିଁ ଆମର ମୂଳଦୁଆ। ଶିଶୁ ଈଶ୍ୱର କଣ ଜାଣିନଥାଏ, ସେ ଈଶ୍ୱରଙ୍କୁ ଦେଖିଥାଏ ନିଜ ମାଆ ରୂପରେ। ମାଆର ହୃଦୟ ହିଁ ସନ୍ତାନର ନିରାପଦ ବିଶ୍ରାମାଳୟ। ତା’ ବିଷୟରେ ଲେଖିବାକୁ ହେଲେ ଗୋଟିଏ ମହାକାବ୍ୟ ବି ଯଥେଷ୍ଟ ନୁହେଁ।

ମୋ-୭୯୭୮୫୭୯୩୯୯

## ମନକୁ ଆସିଲା ଯାହା ୬୯

# ଭିନ୍ନକ୍ଷମ ନୁହେଁ...ବରଂ ଭିନ୍ନ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

‘ସାର୍, ଗ୍ୟାସ ସିଲିଣ୍ଡର ମିଳୁନି, ଖାଇବା ରାନ୍ଧିବୁ କେମିତି’, ଏଇଠୁ ଆରମ୍ଭ କଥାବାର୍ତ୍ତା। ମୁଁ ଏଠାକୁ ଆସିବାର ପ୍ରଥମଦିନ ହିଁ ଯାଇଥିଲି ସେ ହୋଟେଲ୍‌କୁ। ଅନ୍ୟ ଅନେକ ହୋଟେଲ୍ ପରି ସେଠି ବି ମୁଁ ଖାଇବା ଅର୍ଡ଼ର କଲି। ସଫା ସୁତୁରା ଟ୍ରେ’ରେ ସଜେଇ ଆଣି ମୋ ସାମ୍ନାରେ ଥୋଇଦେଲା ଆଉଜଣେ। ମଝିରେ ଆସି ଟୋପିପିନ୍ଧା ଝିଅଟିଏ ପଚାରି ଯାଉଥାଏ ଏବଂ ଯାହାର ଯାହା ଦରକାର ଆଣି ଥାଳିରେ ପରସି ଯାଉଥାଏ। ସତକହୁଛି ମୋତେ ସେଯାବତ କିଛି ବି ଅସ୍ୱାଭାବିକ ଭାବି ନଥିଲା। ମାତ୍ର ଖାଇସାରି ପଇସା ଦେବାକୁ କାଉଣ୍ଟର ପାଖକୁ ଗଲି ତ’ ସେଇ ପାଖରେ ଥୁଆ ହୋଇଥିବା ୨ଟି ବ୍ୟାଟେରୀ ଚାଳିତ ହ୍ୱିଲ୍ ଚେୟାର ଉପରେ ନଜର ପଡ଼ିଲା। ମୁଁ ଭାବିଲି ବୋଧେ କେହି ଦିବ୍ୟାଙ୍ଗ (ଭିନ୍ନକ୍ଷମ ବ୍ୟକ୍ତି) ଆସି ଖାଉଛନ୍ତି। ମାତ୍ର ପର ୨-୩ ଦିନ ମଧ୍ୟ ସେଇ ଗାଡ଼ି ଦୁଇଟି ସେଇଠି ଥୁଆହୋଇ ଥିବାର ଦେଖି, ମୁଁ ଅପେକ୍ଷାକୃତ ବୟସ୍କ ଦିଶୁଥିବା ମଉସା ଜଣଙ୍କୁ ପଚାରିଲି ତ’ ସେ ରହସ୍ୟ ଉପରୁ ପରଦା ଉଠେଇଲେ।

କଥା କ’ଣ କି, ସେଇଟି ହେଉଛି ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣଭାବେ ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ। ବାହାରୁ ଦେଖିଲେ, ଅନ୍ୟ ରେଷ୍ଟୁରାଣ୍ଟ / ହୋଟେଲ ପରି ହିଁ ଦେଖାଯାଉଥିବା ଏହି କ୍ୟାଣ୍ଟିନ୍‌ର ନାମ ଦିଆଯାଇଛି ‘ଚଟଣୀ’, ମାତ୍ର ଏହା ସ୍ୱତନ୍ତ୍ର କାରଣ, ଏହା ସ୍ୱୟଂସଂପୂର୍ଣ୍ଣ ଭାବେ ଏକ ଦିବ୍ୟାଙ୍ଗ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି। ଏଥିରେ ଥିବା ସମସ୍ତ ୧୦ ଜଣ ଯାକ ସଦସ୍ୟ ଦିବ୍ୟାଙ୍ଗ ବା ନିରାଶ୍ରୟ। କାହାର ହାତଟେ ନାହିଁ ତ’ କାହା କାନକୁ ଶୁଭୁନି। ମାତ୍ର ସେମାନେ ଅପାଙ୍‌କ୍ତେୟ ଜୀବନକୁ ଆଦରି ନ ନେଇ, ବାଛିଛନ୍ତି ନିଜପାଇଁ ସଂଘର୍ଷର ରାସ୍ତା। ବର୍ତ୍ତମାନ ସକାଳେ ଚାବି ଖୋଲିବା ଠୁଁ ନେଇ ପରିବା / ସଉଦା ଆଣିବା, ରୋଷେଇ କରିବା ଓ ନାନାଦି ବ୍ୟଞ୍ଜନ ବାଢ଼ିଦେଇ ଅତିଥି ଅଭ୍ୟାଗତଙ୍କୁ ପରଷିଦେବା ସବୁକିଛି ସେଇ ଦିବ୍ୟାଙ୍ଗମାନେ ହିଁ ତୁଲାଉଛନ୍ତି। ପରିତ୍ୟକ୍ତ ହୋଇ ପଡ଼ିରହିଥିଲା ସେଇ ଘରଟି। ପୁରୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଶହଶହ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଇବାର ବିକଳ୍ପ ନଥିଲା। ପୁଣି କାର୍ଯ୍ୟାଳୟର କର୍ମଚାରୀମାନେ ବି ଖୋଜୁଥିଲେ ଏକ ଦୈନିକ ସଫାସୁତୁରା ଖାଇବାର ବିକଳ୍ପ। ଏଇଥିରୁ ହିଁ ଜନ୍ମନେଇଥିଲା ‘ଚଟଣୀ’ ରେଷ୍ଟୁରାଣ୍ଟ / କ୍ୟାଣ୍ଟିନ୍ ୨୩ ଅପ୍ରେଲ୍, ୨୦୨୨ ରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମାଙ୍କ ପ୍ରୋତ୍ସାହନରେ।

ବର୍ତ୍ତମାନ ସେମାନଙ୍କ ପରିଚାଳନା ଚୁକ୍ତି ମିଆଦ ପୂରି ଯାଉଥିବାରୁ ଆଉ ଦୁଇବର୍ଷ ନବୀକରଣ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିବାରୁ ମୋ ନିକଟକୁ ଆସିଥିଲେ ୨ ଜଣ ସଦସ୍ୟ ଓ ଜାଳେଣୀ ଗ୍ୟାସ୍ ସଂକଟରେ ରୋଷେଇ କେମିତି ହେବ ପଚାରିଲେ। ମୁଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଚିଠି କରିଦେଲି ଓ ନିଜେ ଯାଇ ଆଲୋଚନା କରି ହାତାହାତି ବଢ଼େଇଦେଇ ଆସିଲି। ମାତ୍ର ସେ ଗ୍ୟାସ୍ ବିତରକକୁ ଚିଠିଟି ପଠେଇଦେଇ ନିଜ କାମ ସାରିଦେଲେ। ସେ ତ’ ବେପାରୀ, କାହିଁକି ଗୁରୁତ୍ୱ ଦେବ ଏ ଚିଠିକୁ। ଏଣେ ନିଜ ଘରୁ ଗୋଟେ ଜୋଡ଼େ ସିଲିଣ୍ଡର ଆଣି ଯେନତେନ ପ୍ରକାରେଣ (କିଛି ଆଇଟମ୍ କମ୍ କରି) ବଞ୍ଚେଇ ରଖିଲେ ଆଉ ଗୋଟେ ସପ୍ତାହ। ଅବସ୍ଥା ଅସମ୍ଭାଳ ହେବାରୁ ପୁଣି ମୋ ଉପରିସ୍ଥ ଅଧିକାରୀଙ୍କ ସ୍ୱାକ୍ଷରରେ ଆଉ ଏକ ଚିଠି କରେଇଲି। ଜିଲ୍ଲାପାଳଙ୍କ ଦପ୍ତରରୁ ଫୋନ୍ କରିବା ପରେ ଯାଇ ସିଲିଣ୍ଡର ଯୋଗାଣ ସ୍ୱାଭାବିକ ହେଲା। ମୋ କହିବା କଥା, ଯେ ଏକ ସାମାଜିକ ସଶକ୍ତିକରଣର ମୁଦ୍ଦା ହୋଇଥିଲେ ମଧ୍ୟ, ବ୍ୟବସାୟିକ ମନୋବୃତ୍ତି ରଖି ସେ ଗ୍ୟାସ୍ ବିତରକ ସହଯୋଗ ନକରିବା କେଉଁ ପ୍ରକାର ନ୍ୟାୟ ନିଜ ତରଫରୁ କ’ଣ ଆଉ ଗୋଟେ ପାଦ ଆଗକୁ ବଢ଼ି ଆମେ ଦିବ୍ୟାଙ୍ଗ ମାନଙ୍କୁ ସାହାଯ୍ୟ କରିପାରିବାନି ?

ସେମାନଙ୍କ ବିଷୟରେ ଭାବି ବସିଲି ତ’ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଥିବା ‘ନିଆରା ଫୁଡ୍ ଜଏଣ୍ଟ’ର କଥା ମନକୁ ଆସିଲା। ସେଠି ବି ସେମିତି ପୁରା ରେଷ୍ଟୁରାଣ୍ଟଟି ପରିଚାଳନା କରୁଛନ୍ତି ଏକ ଦିବ୍ୟାଙ୍ଗ ଗୋଷ୍ଠୀ। ମହାରାଷ୍ଟ୍ରର ପୁନେଠାରେ ଥିବା ‘ଟେରାସିନେ’ ରେଷ୍ଟୁରାଣ୍ଟଟି ୨୦୧୦ରେ ପ୍ରଥମ କରି ସ୍ୱତନ୍ତ୍ର ଭାବେ ତାଲିମ୍‌ପ୍ରାପ୍ତ କିଛି ଭିନ୍ନକ୍ଷମ ଓ ଦୁରାରୋଗ୍ୟ (ବିରଳ) ଶାରିରୀକ ଅବସ୍ଥା ପ୍ରାପ୍ତ ଲୋକମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏବେ ତ ଦିଲ୍ଲୀର ‘ଇକୋସ’ ନାମକ ରେଷ୍ଟୁରାଣ୍ଟଟି କେବଳ ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ମହାରାଷ୍ଟ୍ରର ମୁମ୍ବାଇ ଠାରେ ସେହିପରି ‘କ୍ୟାଫେ ଅର୍ପଣ’ ନାମକ ରେଷ୍ଟୁରାଣ୍ଟ ସମ୍ପୂର୍ଣ୍ଣ ରୂପେ ଆଜନ୍ମ ଭିନ୍ନକ୍ଷମମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଜସ୍ଥାନର ଜୟପୁରରେ ଥିବା ‘ବିଠଲ କିଚେନ୍’ର କାହାଣୀ ତ ଆହୁରି ନିଆରା। ସେଠାରେ ସବୁକାର୍ଯ୍ୟ କେବଳ ଠାର ମାଧ୍ୟମରେ ହୁଏ। ଏପରିକି କର୍ମଚାରୀମାନେ ମଧ୍ୟ ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ହୋଇଥିବାରୁ ଗ୍ରାହକମାନଙ୍କୁ ମଧ୍ୟ ଠାର ମାଧ୍ୟମରେ ଅର୍ଡ଼ର କରିବାକୁ ପଡ଼େ। ଯେ ସବୁ କ’ଣ ଭିନ୍ନକ୍ଷମ ସଶକ୍ତିକରଣର ଗୋଟେ ଗୋଟେ ନମୁନା ନୁହେଁ କି ?

ଆମ ବ୍ୟକ୍ତିଗତ ଉଦ୍ୟମରେ ମଧ୍ୟ ଆମେ ସେମାନଙ୍କୁ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିପାରିବା। ଯେମିତି ପୁରୀ ଜିଲ୍ଲାର ଗୋପ ବ୍ଲକ୍ ମୁରୁଡା ଗାଁର ବିକ୍ରମ କେଶରୀ ସାମଲ। ଏଥର ସେ ଏକ ନିଆରା ଢଙ୍ଗରେ ପାଳିଛନ୍ତି ନିଜ ଜନ୍ମଦିନ। ସଂପୂର୍ଣ୍ଣ ନିଜ ଖର୍ଚ୍ଚରେ ସୁସଜ୍ଜିତ କରି ଏକ ତେଜରାତି (ଭେରାଇଟି) ଷ୍ଟୋର ଉପହାର ଦେଇଛନ୍ତି ଅଭିମନ୍ୟୁ ମହାନ୍ତିଙ୍କୁ। ଜନ୍ମରୁ ଗୋଟେ ହାତ ନଥିବା ଅଭିମନ୍ୟୁଙ୍କ ଅଭାବୀ ସଂସାରରେ ପତ୍ନୀଙ୍କ ସହ ଦୁଇଟି ଝିଅ। ଏବେ ସେଇ ଦୋକାନରୁ ରୋଜଗାର କରି ଅଭିମନ୍ୟୁ ଗୁଜୁରାଣ ମେଣ୍ଟାଉଛନ୍ତି। ଠିକ୍ ସେମିତି ଖୋର୍ଦ୍ଧା ଜିଲ୍ଲା କୁଦପାଟଣା ଗାଁର ଲକ୍ଷ୍ମଣ ପୃଷ୍ଟି ଓରଫ୍ ଖନାଭାଇ। ସେ କଥା ସିନା କହିପାରନ୍ତିନି। ହେଲେ ଠାରରେ ବୁଝେଇ ଦେଇପାରନ୍ତି ସବୁକଥା। ଖାଲି ସେତିକି ନୁହେଁ, ତାଙ୍କ କଥାକୁହା ହାତରେ କି ଯାଦୁ ଅଛି କେଜାଣି, ତାଙ୍କ ହାତ ତିଆରି ଗୁପ୍‌ଚୁପ୍ ଖାଇବାକୁ ସଦାବେଳେ ଭିଡ଼ ଜମିଥାଏ ଆଖପାଖରେ। ଆମ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଆତ୍ମନିର୍ଭର ଭାରତ ଆହ୍ୱାନରେ ଆଗେଇ ଆସିଛନ୍ତି ଉତ୍ତର ପ୍ରଦେଶ ମିରଟର ଯୁବକ ଅମିତ। ସେ ମଧ୍ୟ ନିଜ ଉଦ୍ୟମରେ ଦିବ୍ୟାଙ୍ଗମାନଙ୍କୁ ନେଇ ଆରମ୍ଭ କରିଛନ୍ତି ଏକ ଦିବ୍ୟାଙ୍ଗ ରେଷ୍ଟୁରାଣ୍ଟ...ଏସବୁ କ’ଣ ସକାରାତ୍ମକ ବ୍ୟକ୍ତିଗତ ଉଦ୍ୟମ ନୁହେଁ କି ?

ପୁଣି ଆମ ଭାରତରେ ଅଗ୍ରଣୀ ଉଦ୍ୟୋଗପତି ମାନେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ନିଯୁକ୍ତି ଦେଇ ସାମିଲ୍ କରିଛନ୍ତି ନିଜର କର୍ମଚାରୀ ଭାବେ। ଯେମିତି ଏକ ବିଖ୍ୟାତ ହୋଟେଲ୍ ସମୁହ ହେଉଛି ‘ଲେମନ୍ ଟ୍ରୀ’। ସାରା ଦେଶରେ ଏହାର ବିଭିନ୍ନ ଶାଖାରେ ଅତିଥି ଚର୍ଚ୍ଚା ପାଇଁ ମୁସ୍କାନ୍ ଫାଉଣ୍ଡେସନ୍‌ର ସହଭାଗିତାରେ ସେମାନେ ନିଯୁକ୍ତି ଦେଇଛନ୍ତି ପ୍ରାୟ ୧୦୦୦ ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ, ଯାହା ସେମାନଙ୍କର ସମୁଦାୟ କର୍ମଚାରୀର ସଂଖ୍ୟାର ପ୍ରାୟ ୧୩%। ସେହିପରି କାମାତ ଗୃପ୍ ମଧ୍ୟ ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହଭାଗିତାରେ ନିଜର ଲୋଟସ୍ ରିସର୍ଟ (କୋଣାର୍କ) ଇରା (ଆର୍କିଡ଼ ହୋଟେଲ୍) ଓ ମହୋଦଧି ପ୍ୟାଲେସ (ପୁରୀ)ରେ ନିଯୁକ୍ତ କରିଛି ଭିନ୍ନକ୍ଷମମାନଙ୍କୁ। ଟାଟା ସମୁହର ଟାଇଟନ୍, ତନିଷ୍କ ଓ ଟାଟା ମୋଟର୍ସରେ ସମୁଦାୟ କର୍ମଚାରୀଙ୍କର ୫% ହେଉଛନ୍ତି କେବଳ ଦିବ୍ୟାଙ୍ଗ। ୨୦୧୬ ରେ ବିଶାଳ କୁମାର ନାମକ ଜଣେ ଦୃଷ୍ଟିବ୍ୟାଧିତ ସ୍କୁଲ୍ ପାଠ ଅଧାରୁ ଛାଡ଼ିଥିବା ଛାତ୍ରଙ୍କୁ ସିଧା ସଳଖ ‘ପ୍ରକଳ୍ପ ପରିଚାଳକ’ (ପ୍ରୋଜେକ୍ଟ ମ୍ୟାନେଜର) ଭାବେ ନିଯୁକ୍ତି ଦେଇ ଚର୍ଚ୍ଚିତ ହୋଇଥିଲା। ୧୯୯୦ ରୁ ନିୟମିତ ଏହି ଧାରା ଚାଲିଆସିଛି ଟାଟାରେ।

ଆମଦେଶର ଅଧିକାଂଶ ଆଇଟି କମ୍ପାନୀ ଗୁଡ଼ିକ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦେଉଛନ୍ତି। ‘କ୍ୟାପ ଜେମିନୀ’ ଦିବ୍ୟାଙ୍ଗମାନଙ୍କ ପାଇଁ ୧୫ ଦିନର ସ୍ୱତନ୍ତ୍ର ତାଲିମ୍ ଶିବିର ଆୟୋଜନ କରୁଥିଲା ବେଳେ ‘ଆସେଞ୍ଚର’ ସେମାନଙ୍କୁ ଚାମ୍ପିୟନ ଆଖ୍ୟା ଦେଇ ସ୍ୱତନ୍ତ୍ର ଅଫିସ୍ ଓ ବ୍ରେଲ୍ ଲିପିରେ ପ୍ରସ୍ତୁତ ଭିଜିଟିଂ କାର୍ଡ଼ ମଧ୍ୟ ପ୍ରଦାନ କରେ। ‘ୱିପ୍ରୋ’ରେ ବର୍ତ୍ତମାନ ୬୫୦ରୁ ଅଧିକ ଦିବ୍ୟାଙ୍ଗ ନିଯୁକ୍ତି ପାଇଥିଲା ବେଳେ ‘ଇନଫୋସିସ’ରେ ଏହି ସଂଖ୍ୟା ୧୦୦୦ ରୁ ଅଧିକ। ମୁମ୍ବାଇର ଧ୍ରୁବ ଲାକ୍ରାଙ୍କ ଦ୍ୱାରା ପ୍ରତିଷ୍ଠିତ ‘ମିରାକିଲ କୋରିୟର’ ରେ କେବଳ ଶ୍ରବଣଶକ୍ତି ବାଧିତ ୮୦ ଜଣ ଡେଲିଭରୀ ବୟଙ୍କ ଦ୍ୱାରା ମାସିକ ୮୦୦୦୦ ରୁ ଅଧିକ ପ୍ୟାକେଟ୍ ବିତରଣ କରାଯାଉଛି। ଏମାନେ ସିନା ଶୁଣିପାରନ୍ତି ନାହିଁ ମାତ୍ର ମ୍ୟାପ୍ ଦେଖି ସହରରେ ରାସ୍ତା ଖୁବ ସହଜରେ ମନେରଖିପାରନ୍ତି। ଠିକ୍ ସେମିତି ‘କ୍ୟାଫେ କଫି ଡ଼େ’ ଏବଂ ‘କୋଷ୍ଟା କଫି’ରେ ୧୫% ବାକ୍‌ଶକ୍ତି ହୀନ ଦିବ୍ୟାଙ୍ଗଙ୍କୁ ଏଥିପାଇଁ ନିଯୁକ୍ତି ଦିଆଯାଏ, କାରଣ ସେମାନେ କଥା ସିନା କହିପାରିବେନି ମାତ୍ର ତୀବ୍ର ଆଘ୍ରାଣ ଶକ୍ତି ଯୋଗୁଁ ସୁନ୍ଦର କଫି ବନେଇପାରନ୍ତି। ସେଇଥିପାଇଁ ତ ସେମାନଙ୍କୁ ‘ସାଇଲେଣ୍ଟ ବ୍ରିଉମାଷ୍ଟର’ ବୋଲି କୁହାଯାଏ। ମୋଟ୍ କଥା ଏୟା ଯେ, ଭିନ୍ନକ୍ଷମ ମାନେ ଆଦୌ ଅନ୍ୟମାନଙ୍କ ଠାରୁ ପୃଥକ ନୁହନ୍ତି। ବରଂ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇ ସମସ୍ତ କାର୍ଯ୍ୟ କରିବାକୁ ଯୋଗ୍ୟ। କାରଣ ସେମାନେ ଅସମର୍ଥ ନୁହେଁ ବରଂ ସ୍ୱତନ୍ତ୍ର ଭାବେ ସମର୍ଥ। ସେମାନେ ଅକ୍ଷମ ନୁହେଁ, ଅନ୍ୟମାନଙ୍କ ଠାରୁ ଭିନ୍ନ। ବରଂ ମୁଁ ତ’ କହିବି ଦିବ୍ୟାଙ୍ଗମାନେ ସାଧାରଣ ମଣିଷଠାରୁ ବି ଆହୁରି ବିଚକ୍ଷଣ, ଆହୁରି ପାରଙ୍ଗମ, ଆହୁରି ପାରଦର୍ଶୀ। ସେମାନେ ଭିନ୍ନକ୍ଷମ ନୁହେଁ, ବରଂ ଭିନ୍ନ। ନାଁ କ’ଣ କହୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ହେୟାର୍ କେୟାର୍‌ରେ ନଡ଼ିଆ କ୍ଷୀର

**ସମସ୍ତେ ସୁନ୍ଦର, ମୋଟା ଏବଂ ଶକ୍ତିଶାଳୀ କେଶ ପାଇବା ପାଇଁ ପ୍ରାକୃତିକ ଉପଚାର ସବୁଠୁ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ନଡ଼ିଆ କ୍ଷୀର କେଶ ପାଇଁ ସତନ୍ତ୍ର, ଯାହା କେବଳ କେଶକୁ ମୂଳରୁ ପୋଷଣ କରେ ନାହିଁ ବରଂ ଲମ୍ବା, ମୋଟା ଏବଂ ଶକ୍ତିଶାଳୀ କରିବାରେ ମଧ ସାହାଯ୍ୟ କରେ। ନଡ଼ିଆ କ୍ଷୀରରେ ପ୍ରୋଟିନ୍, ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଅଟେ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ରୂପିକୁ ହ୍ରାସ କରେ ଏବଂ ଦୋମୁହାଁ କେଶକୁ ରୋକିଥାଏ।**



ଆଜିକାଲି ଜୀବନଶୈଳୀକୁ ନେଇ କେଶର ସମସ୍ୟା ବଢ଼ିବାରେ ଲାଗିଛି। ଯେମିତିକି ଚାପ, ପ୍ରଦୂଷଣ, ରାସାୟନିକ ଭିତ୍ତିକ ଉତ୍ପାଦ ଏବଂ ଅସନ୍ତୁଳିତ ଖାଦ୍ୟ, କେଶ ଝଡ଼ିବା, ଶୁଷ୍କତା ଏବଂ କ୍ଷତି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏପରିସ୍ଥିତିରେ ପ୍ରାକୃତିକ ଉପଚାର ନିରାପଦ। ନଡ଼ିଆ କ୍ଷୀରରେ ପ୍ରୋଟିନ୍, ଭିଟାମିନ୍-ସି, ଇ, ବି-୧, ବି-୩, ବି-୫ ଏବଂ ବି-୬ ସହିତ ଆଇରନ୍, କ୍ୟାଲସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍ ଏବଂ ସେଲେନିୟମ୍ ପରି ମିନେରାଲ୍ସ ଭରପୂର ମାତ୍ରାରେ ରହିଛି। ଏଥିରେ ଥିବା ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ କେଶ ମୂଳକୁ ମଜବୁତ କରିଥାଏ। ଏହା ଏକ ପ୍ରାକୃତିକ କଣ୍ଡିସନର ଭାବରେ କାମ କରେ ଏବଂ କେଶର ବୃଦ୍ଧିକୁ ପ୍ରୋତ୍ସାହିତ କରେ।

## ହେୟାର୍ ଗ୍ରୋଥ୍

ତାଜା ନଡ଼ିଆ କ୍ଷୀରକୁ ସିଧାସଳଖ ସ୍କାଲ୍ପରେ ଲଗାନ୍ତୁ ଏବଂ ଏହାକୁ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ମୂଳକୁ ପୋଷଣ ଯୋଗାଇବା ସହ କେଶ ଝଡ଼ିବା କମାଇଥାଏ। ଏହାକୁ ମଧ ହେୟାର୍ ମାସ୍କ ଭାବରେ ବ୍ୟବହାର କରନ୍ତୁ। ନଡ଼ିଆ କ୍ଷୀରରେ ମହୁ ଏବଂ ଆଲୋଭେରା ଜେଲ ମିଶାଇ ଏକ ହେୟାର୍ ମାସ୍କ ପ୍ରସ୍ତୁତ କରିବେ। ଏହି ମାସ୍କ ନଷ୍ଟ ହୋଇଥିବା କେଶକୁ ନରମ କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲ କିମ୍ବା ବାଦାମ ତେଲକୁ ନଡ଼ିଆ କ୍ଷୀରରେ ମିଶାନ୍ତୁ। ଏହାକୁ ହାଲୁକା ଭାବେ ଗରମ କରିବା ପରେ ଆଙ୍ଗୁଠିରେ ନେଇ ସ୍କାଲ୍ପକୁ ମାଲିସ୍ କରନ୍ତୁ। ଏହା ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ମୂଳକୁ ମଜବୁତ କରିଥାଏ।

ଲେମ୍ବୁ ରସକୁ ନଡ଼ିଆ କ୍ଷୀର ସହିତ ମିଶାଇ ସ୍କାଲ୍ପରେ ଲଗାଇବା ଦ୍ୱାରା ରୁପି ସମସ୍ୟା କମିଯାଏ ଏବଂ କୁଣ୍ଡାଇ ହେବାରୁ ମୁକ୍ତି ମିଳିଥାଏ। ଏହି ନଡ଼ିଆ କ୍ଷୀରକୁ ପ୍ରାକୃତିକ କଣ୍ଡିସନର ଭାବରେ ବ୍ୟବହାର କରନ୍ତୁ। ସାମ୍ପୁ ପରେ, ନଡ଼ିଆ କ୍ଷୀରର ଏକ ହାଲୁକା ସ୍ତରକୁ କେଶରେ ଲଗାଇ ଏହାକୁ ୧୦ମିନିଟ୍ ପାଇଁ ଛାଡ଼ି ଧୋଇ ଦିଅନ୍ତୁ। ଏହା କେଶକୁ ଚିକ୍କଣ ଏବଂ ସିଲ୍କ କରିଥାଏ। ନଡ଼ିଆ କ୍ଷୀରରେ ମେଥି ମଞ୍ଜି ପେଷ୍ଟ ସହିତ ମିଶାଇ ପ୍ରୟୋଗ କରନ୍ତୁ। ଏହା କେଶକୁ ମୂଳରୁ ପୋଷଣ କରିବା ସହ ମୋଟା ଏବଂ ଶକ୍ତିଶାଳୀ କରିଥାଏ। ନଡ଼ିଆ କ୍ଷୀରରେ ପାଚିଲା କଦଳୀର ପେଷ୍ଟ ମିଶାଇ ଏକ ହେୟାର ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହା ଦୋମୁହାଁ କେଶକୁ ଠିକ୍ କରେ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ। ସେହିପରି ଭାବେ ସପ୍ତାହରେ ଦୁଇଥର ନଡ଼ିଆ କ୍ଷୀର ବ୍ୟବହାର କରନ୍ତୁ।



ରୋଷେଇ ଘରୁ

# ଏଗ୍ ଚିଲ୍ଲି



ଆବଶ୍ୟକ ସାମଗ୍ରୀ: ଅଣ୍ଡା, ପିଆଜ, କ୍ୟାପସିକମ୍, କଞ୍ଚାଲଙ୍କା, ରସୁଣ, ଟମାଟୋ ସସ୍, ଚିଲ୍ଲି ସସ୍, ସୋୟା ସସ୍, ଗୋଲମରିଚ ପାଉଡ଼ର, ଲୁଣ, କାଶ୍ମିରୀ ଚିଲ୍ଲି, ଧନିଆପତ୍ର।

ପ୍ରଣାଳୀ: ଗୋଟିଏ ଗିନାରେ ଅଣ୍ଡା, ଲୁଣ, ଗୋଲମରିଚ ପାଉଡ଼ରକୁ ଭଲ ଭାବେ ଗୋଳାବେ। କ୍ୟାପସିକମ୍ ଏବଂ ପିଆଜକୁ ମିଡ଼ିୟମ୍ ସାଇଜ୍‌ର କାଟି ରଖିବେ। ପ୍ୟାନ୍‌ରେ ତେଲ ଗରମ ହେଲା ପରେ ଅଣ୍ଡାକୁ ଆମ୍ଲେଟ୍ ଭାବେ କରି ଏହାକୁ ମିଡ଼ିୟମ୍ ସାଇଜର କାଟି ରଖନ୍ତୁ। ସେହି ପ୍ୟାନ୍‌ରେ ତେଲ ଦେଇ ସେଥିରେ କାଟି ରଖିଥିବା ରସୁଣ, କଞ୍ଚାଲଙ୍କା, ପିଆଜ, କ୍ୟାପସିକମ୍‌କୁ ହାଲୁକା ଭାଜିବେ। ଏଥିରେ ସୋୟା ସସ୍, ଟମାଟୋ ସସ୍, ଚିଲ୍ଲି ସସ୍, ଗୋଲମରିଚ ପାଉଡ଼ର, ଲୁଣ, କାଶ୍ମିରୀ ଚିଲ୍ଲିକୁ ପକାଇ ମିଶାଇ ନେବେ। ସେଥିରେ ଅଳ୍ପ ପାଣି ଦେଇ କିଛି ସମୟ ଫୁଟିଲେ ଭାଜି ରଖିଥିବା ଅଣ୍ଡାକୁ ପକାଇ ମିଶାନ୍ତୁ। ଶେଷରେ କାଟି ରଖିଥିବା ଧନିଆପତ୍ର ଦେଇ ଗ୍ୟାସ୍ ବନ୍ଦ କରିଦେବେ। ଏହି ଅଣ୍ଡା ଚିଲ୍ଲିକୁ ଭାତ, ରୁଟି ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି କେତେକ କ୍ଷେତ୍ରରେ ନୂତନ ସୁଯୋଗ ଆସିବ। ପାରିବାରିକ କ୍ଷେତ୍ରରେ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ଲାଭବାନ ହେବେ। ମହିଳାଙ୍କର ନୂତନ ନିଯୁକ୍ତି ସମ୍ଭାବନା ଅଛି। ପ୍ରତିକାର : ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ବୃଷ** ସପ୍ତାହଟି ଆର୍ଥିକ ପରିସ୍ଥିତି କେତେକାଂଶରେ ବାଧାପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ଅଶାନ୍ତି ଲାଗିରହିବ। ଜଙ୍ଗଲ କର୍ମଚାରୀଙ୍କ ପାଇଁ ବିପଦ ଆଶଙ୍କା ରହିଛି। ମହିଳାମାନେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରତିକାର : ଶିବଦର୍ଶନ କରନ୍ତୁ।

**ମିଥୁନ** ସପ୍ତାହଟି ପାରିବାରିକ କ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଅତ୍ୟନ୍ତ ପରିଶ୍ରମ କରି ଭଲ ରୋଜଗାର କରିବେ। ପଡ଼ୋଶୀମାନେ ହତାଶ କରିପାରନ୍ତି। ଦୁର୍ଘଟଣାର ଭୟ ରହିଛି। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** ସପ୍ତାହଟି ସମସ୍ତ ପ୍ରକାର ମାଲିମୋକଦ୍ଦମାରୁ ମୁକ୍ତିପାଇ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ତଥା ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ଲାଭ ହେବ। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ପ୍ରତିକାର : ମା' ଦୁର୍ଗାଙ୍କୁ ପୂଜା କରନ୍ତୁ।

**ସିଂହ** ସପ୍ତାହଟି ସତର୍କତା ସହ ଚଳିବାକୁ ଚେଷ୍ଟା କରନ୍ତୁ। ଅଯଥା ଅଶାନ୍ତି ତଥା ଆର୍ଥିକ ଅଭାବ ଆଶଙ୍କା ରହିଛି। ଆକସ୍ମିକ ଦୁର୍ଘଟଣାର ଭୟ ଅଛି। ମହିଳା ଓ ଛାତ୍ରଛାତ୍ରୀ ଉପକୃତ ହେବେ। ପ୍ରତିକାର : ପିତାମାତାଙ୍କ ସେବା କରନ୍ତୁ।

**କନ୍ୟା** ସପ୍ତାହଟି ମାନସିକ ଚିନ୍ତାରେ ପଡ଼ିପାରନ୍ତି। ଦୁର୍ଘଟଣା ଘଟିବାର ଆଶଙ୍କା ଯଥେଷ୍ଟ ରହିଛି। ଆର୍ଥିକ ପରିସ୍ଥିତିରେ ଉନ୍ନତି ହେଲେ ହେଁ ପରିବାରେ ଅସନ୍ତୋଷ ଲାଗି ରହିବ। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ପ୍ରତିକାର : ଭଗବାନ ରାମଚନ୍ଦ୍ରଙ୍କ ସ୍ତୋତ୍ର ପାଠ କରନ୍ତୁ।

**ତୁଳା** ସପ୍ତାହଟି ଆୟ ଖୁବ୍ ଭଲ ହେବ। ବ୍ୟବସାୟ କ୍ଷେତ୍ରରେ ନୂତନ ସଂସ୍ଥା ଲାଭପ୍ରଦ ହେବ। ପୈତୃକ ସମ୍ପତ୍ତି ହରାଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଶାନ୍ତି ଅନୁଭୂତ ହେବ। ପଦୋନ୍ନତି ଯୋଗ ରହିଛି। ପ୍ରତିକାର : ପ୍ରତ୍ୟହ ଶିବ ଦର୍ଶନ କରିବେ।

**ବିଛା** ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ହେବାର ଆଶଙ୍କା ଅଛି। ଉପରିସ୍ଥ ଅଧିକାରୀଙ୍କ ସହଯୋଗ ପାଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼ିବ। ମାନସିକ ଦୁଶ୍ଚିନ୍ତା । ପ୍ରତିକାର : ଶନିଦେବଙ୍କ ମନ୍ତ୍ରପାଠ କରଣୀୟ।

**ଧନୁ** ସପ୍ତାହଟି ପୈତୃକ ସମ୍ପତ୍ତିକୁ ନେଇ ବିବାଦ ହୋଇପାରେ। ବ୍ୟବସାୟ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ଅଛି। କର୍ମକ୍ଷେତ୍ରରେ ହଠାତ୍ ସ୍ଥାନାନ୍ତରିତ ହେବାକୁ ପଡ଼ିପାରେ। ପ୍ରତିକାର : ପକ୍ଷୀଙ୍କୁ ଖାଇବାକୁ ଦିଅନ୍ତୁ।

**ମକର** ସପ୍ତାହଟି ଆର୍ଥିକ ଲାଭର ଆଶା ଅଛି। କର୍ମକ୍ଷେତ୍ରରେ ସହଯୋଗ ପାଇ ଉପରକୁ ଉଠିବେ। ବ୍ୟବସାୟ କ୍ଷେତ୍ରରେ ନୂତନ ଦାୟିତ୍ୱ ନେଇପାରନ୍ତି। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ପ୍ରତିକାର : କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ** ସପ୍ତାହଟି ପାରିବାରିକ କ୍ଷେତ୍ରରେ ଶାନ୍ତି ମିଳିବ। ଗୁରୁଦାୟିତ୍ୱ ନେଇ ଉପକୃତ ହେବେ। ମହିଳାମାନେ ସମ୍ମାନିତ। ଛାତ୍ରଛାତ୍ରୀ ପାଠପଢ଼ାରେ ମନୋନିବେଶ କରିବେ। ଅନ୍ୟଦ୍ୱାରା ଅପମାନିତ ହୋଇପାରନ୍ତି। ପ୍ରତିକାର : ଭଗବାନ ଗଣେଶଙ୍କୁ ପୂଜା କରନ୍ତୁ।

**ମୀନ** ସପ୍ତାହଟି କର୍ମକ୍ଷେତ୍ରରେ ଜଗିରଖି ଚଳନ୍ତୁ। ହଠାତ୍ ଆର୍ଥିକ ଲାଭ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଘରକାମ ଆରମ୍ଭ କରିପାରନ୍ତି। ପ୍ରତିକାର : ଗୋ ମାତାଙ୍କୁ ପ୍ରତିଦିନ ସକାଳୁ ଘାସ ସହିତ ଗୁଡ଼ ଖାଇବାକୁ ଦିଅନ୍ତୁ।



# କଟକ ଚଣ୍ଡି ମନ୍ଦିର

ଓଡ଼ିଶାରେ ଯେଉଁସବୁ ପ୍ରାଚୀନ ମନ୍ଦିର ରହିଛି, ସେ ମଧ୍ୟରୁ କଟକ ଚଣ୍ଡି ମନ୍ଦିର ଅନ୍ୟତମ। ଏହା କଟକ କେବଳ ନୁହେଁ ସାରା ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ ତଥା ଧାର୍ମିକ କେନ୍ଦ୍ର ଭାବରେ ପରିଗଣିତ। ଏହି ମନ୍ଦିରରେ ମା' ଚଣ୍ଡି ଦେବୀ ରୂପରେ ପୂଜା ପାଉଛନ୍ତି। ଏହି ମନ୍ଦିରରେ ବିଶେଷକରି ଦୁର୍ଗାପୂଜାର ମହାତ୍ମ୍ୟ ଢ଼େର ଅଧିକ। କାଳୀପୂଜା ସମୟରେ ମଧ୍ୟ ମା' ଚଣ୍ଡିଙ୍କର ପୂଜାର୍ଚ୍ଚନା ଅନେକ ଧୁମ୍‌ଧାମ୍‌ରେ କରାଯାଇଥାଏ। ଦୁର୍ଗାପୂଜା ସମୟରେ ୧୬ଦିନ ଧରି ଆଶ୍ୱିନ କୃଷ୍ଣାଷ୍ଟମୀରୁ ଆଶ୍ୱିନ ଶୁକ୍ଳ ନବମୀ ଓ ଦଶମୀ ପର୍ଯ୍ୟନ୍ତ ପୂଜା ଆରାଧନା କରାଯାଇଥାଏ। ସାରା ଓଡ଼ିଶାରେ ମା' କଟକ ଚଣ୍ଡି ଭାବରେ ବିଖ୍ୟାତ। ଜୀବନ୍ତ ଦେବୀ ଭାବରେ ବିଖ୍ୟାତ କଟକ ଚଣ୍ଡିଙ୍କୁ ଯେକୌଣସି ମନସ୍କାମନା କଲେ ପୂରଣ ହୁଏ ବୋଲି ଲୋକଙ୍କର ବିଶ୍ୱାସ ଆଜିଯାଏ ଅତୁଟ ରହିଛି।

## କିମ୍ବଦନ୍ତୀ-

ମା' କଟକ ଚଣ୍ଡିଙ୍କର କିମ୍ବଦନ୍ତୀରୁ ଜଣାଯାଏ, ହଂସ ପଣ୍ଡା ନାମକ ଜଣେ ବ୍ରାହ୍ମଣ ଗୋରୁ ଚରେଇବା ପାଇଁ ଯାଇଥିବା ସମୟରେ ଅସୁସ୍ଥ ଅନୁଭବ କଲେ। ଗୋରୁଙ୍କୁ ଚରିବାକୁ ଛାଡ଼ିଦେଇ ଚାଷଜମିର ହିଡ଼ ଉପରେ କିଛି ସମୟ ପାଇଁ ଶୋଇପଡ଼ିଲେ। ସେ ଶୋଇଥିବା ସମୟରେ ଏକ ଦିବ୍ୟ ଅନୁଭବ ଉପଲବ୍ଧି କଲେ। ସେହିଦିନ ରାତିରେ ମା' ଙ୍କର ସ୍ୱପ୍ନାଦେଶ ହେଲା। ସେଠାରୁ ଉଦ୍ଧାର କରି ମନ୍ଦିରରେ ପୂଜା କରିବାକୁ ମା' ସ୍ୱପ୍ନାଦେଶ କଲା ପରେ ସେ କନିକା ରାଜାଙ୍କୁ ଏହି କଥା କହିଲେ । ସେ ଦେଖିଥିବା ଏହି ଆଶ୍ଚର୍ଯ୍ୟଜନକ କଥା ରାଜାଙ୍କୁ ଶୁଣେଇବା ପରେ ରାଜା ପତିତ ଜମିରୁ ମା' ଙ୍କର ମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଲେ। ତା' ପରଠାରୁ ମା'ଙ୍କର ମନ୍ଦିର କରାଯାଇ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ରାଜାଙ୍କ ତତ୍ତ୍ୱାବଧାନରେ ହଂସ ପଣ୍ଡା ଆରମ୍ଭ କଲେ। ସେହିଦିନ ଠାରୁ ଆଜିଯାଏ ମା' କଟକ ଚଣ୍ଡି ପୂଜା ପାଇଆସୁଛନ୍ତି। ବର୍ଷକୁ ହଜାର ହଜାର ଲୋକ ମା'ଙ୍କର ଦର୍ଶନ ନିମନ୍ତେ ଆସିଥାନ୍ତି।

## ଇତିହାସ-

ସେହିଦିନ ଠାରୁ କେବେ ବି ହଂସ ପଣ୍ଡା ମା'ଙ୍କ ସେବା କରିବାରେ ପଛଘୁଞ୍ଚା ଦେଇନାହାନ୍ତି। କନିକା ରାଜାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି କରାଯିବା ସହ ସ୍ଥାୟୀ ସମାଧାନ ଭାବରେ ଏକ ଟ୍ରଷ୍ଟବୋର୍ଡ ଗଠନ କରି ପ୍ରଶାସନ ହାତକୁ ଦାୟିତ୍ୱ ଦେଇଥିଲେ। ଯାହାର ସେବକ ଭାବରେ ହଂସ ପଣ୍ଡାଙ୍କର ବଂଶଧରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବର୍ତ୍ତମାନ ଏହାର ପରିଚାଳନା ଦାୟିତ୍ୱ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ବ୍ୟକ୍ତି ତଥା ପ୍ରଶାସନ ସହଯୋଗରେ ଚାଲୁଛି। ଜଣେ ଏଜ୍‌କ୍ୟୁଟିଭ୍ ଅଫିସରଙ୍କୁ ମଧ୍ୟ ଏହି କାର୍ଯ୍ୟର ତଦାରଖ ପାଇଁ ପ୍ରଶାସନ ପକ୍ଷରୁ ନିଯୁକ୍ତି କରାଯାଇଛି।



## ଯିବେ କେମିତି, ରହିବେ କେଉଁଠି-

କଟକ ଚଣ୍ଡି ଦର୍ଶନ ନିମନ୍ତେ ଯାତାୟତର ବିଶେଷ କିଛି ଅସୁବିଧା ନାହିଁ। ନିକଟତମ ରେଲଷ୍ଟସନ ହେଉଛି କଟକ, ଯେଉଁଠି ଓହ୍ଲାଇ ଅଟୋ, କ୍ୟାବ୍ କିମ୍ବା ରିକ୍ସାରେ ଯାଇପାରିବେ। ଭୁବନେଶ୍ୱରରୁ ସଡ଼କପଥରେ ଗଲେ ବାଦାମବାଡ଼ି ବସଷ୍ଟାଣ୍ଡରୁ ଓହ୍ଲାଇ ଅଟୋ କିମ୍ବା ରିକ୍ସା ଦ୍ୱାରା ସେଠାକୁ ଯାଇପାରିବେ। ଏହା ସହିତ କଟକ ସହରର ଐତିହ୍ୟ, ମହାନଦୀ, ନରାଜ ଆନିକଟ ମଧ୍ୟ ଦେଖିପାରିବେ। କଟକରେ ଅନେକ ହୋଟେଲ, ପାନ୍ଥଶାଳା, ଲଜ୍ ରହିଛି, ଯାହା ରହିବା ପାଇଁ ବିଶେଷ କିଛି ଅସୁବିଧା ହୋଇ ନଥାଏ।





ମନୋରଞ୍ଜନ

# ବନ୍ଦର ବଢ଼ାଇଲା ହାର୍ଟ ବିଟ୍



ବବିଙ୍କ ବନ୍ଦର ସିନେମାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା । 'ବନ୍ଦର'ରେ ସେ ଜଣେ ରକ୍‌ଷ୍ଟାର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଯିଏ ଏକ ଯୌନ ଉତ୍ପୀଡ଼ନ ମାମଲାରେ ଛନ୍ଦି ହୋଇଯାଉଛି । ଆସନ୍ତା ଜୁନ୍ ୫ରେ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ କରିବ ବୋଲି ଜଣାଯାଇଛି । ଫିଲ୍ମ ରିଲିଜ୍ ପରେ ବବି ନିଜର ଲୋକପ୍ରିୟତା କାହିଁରେ କଣ ହୋଇଯିବ, ଯାହା ଟିଜରକୁ ସ୍ପଷ୍ଟ ହୋଇଛି । ଏହି ଚଳଚ୍ଚିତ୍ରରେ ବବିଙ୍କ ସମେତ ସାନ୍ୟା ମଲହୋତ୍ରା, ଇନ୍ଦ୍ରଜିତ ସୁକୁମାରନ, ସବା ଆଜାଦ, ଜିତେନ୍ଦ୍ର ଜୋଶୀ, ରାଜ ବି. ସେଟ୍ଟୀ, ସପନା ପବ୍ବୀ ଓ ରିଦ୍ଧି ସେନ ପ୍ରମୁଖ ଅଭିନୟ କରିଛନ୍ତି । 'ବନ୍ଦର' ଚଳଚ୍ଚିତ୍ରର ଟିଜର ମୁକ୍ତିଲାଭ କରିବା ପରେ ଏହା ନେଇ ଚର୍ଚ୍ଚା, ଆଗ୍ରହ ଓ ଉତ୍ସୁକତା ବଢ଼ିବାରେ ଲାଗିଛି । ପ୍ରଥମ ଥର ପାଇଁ ଅଭିନେତା ବବି ଦିଓଲ ଓ ନିର୍ଦ୍ଦେଶକ ଅନୁରାଗ କଶ୍ୟପ ଏକାଠି କାମ କରିଥିବା ଏହା ପଛର ପ୍ରଥମ କାରଣ । ଦ୍ୱିତୀୟରେ ଏହାର ଟିଜରଟି କାହାଣୀ ସମ୍ପର୍କରେ ବିଶେଷ କିଛି ପ୍ରଘଟ କରି ନଥିଲେ ହେଁ ଏଥିରେ ମୁଖ୍ୟ ଚରିତ୍ରର ପରିସ୍ଥିତି ଏବଂ ରୋମାଞ୍ଚ ଦୃଶ୍ୟାବଳୀ ଦର୍ଶକଙ୍କ କୌତୂହଳ ବଢ଼ାଇଦେଇଛି । ଏହି ଚଳଚ୍ଚିତ୍ର ନେଇ ଦର୍ଶକଙ୍କ ଆକାଂକ୍ଷା ବଢ଼ିବା ପଛର ଅନ୍ୟତମ କାରଣ ହେଉଛନ୍ତି ଏହାର କାହାଣୀ ଲେଖକ ସୁଦୀପ ଶର୍ମା ଓ ଅଭିଷେକ ବାନାର୍ଜୀ । 'ବନ୍ଦର' ପୂର୍ବରୁ ଏମାନେ 'ପାତାଲଲୋକ', 'କୋହରା', 'ଉଡ୍‌ତା ପଞ୍ଜାବ' ପରି ଲୋକପ୍ରିୟ ୱେବ୍ ଧାରାବାହିକ ଓ ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ।

# ପ୍ରେମ ଓ ଅହଂକାରର ନିଆରା କାହାଣୀ




'ମୋଟର ସାଇକେଲ', ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬: ୩୦ ମିନିଟରେ ଓଲିଉଡର ଚର୍ଚ୍ଚିତ ଫ୍ୟାମିଲି କମେଡି ଡ୍ରାମା 'ମୋଟର ସାଇକେଲ' ଏବେ ଟିଭି ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ପ୍ରସ୍ତୁତ । ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ ଅଗ୍ରଣୀ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଜୀ ସାର୍ଥକ'ରେ ଏହି ସିନେମାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଅନୁଷ୍ଠିତ ହେବ । ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ସାଧାରଣ ମୋଟର ସାଇକେଲକୁ ନେଇ ପରିବାର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱ, ଅହଂକାର ଏବଂ ହାସ୍ୟରସର ଏକ ସୁନ୍ଦର ମିଶ୍ରଣ । କାହାଣୀର ମୂଳ ବିଷୟବସ୍ତୁ ହେଉଛି 'ପ୍ରେମ ବନାମ ଲୋଭ' । କେଲୁ (ଜ୍ୟୋତି ରଞ୍ଜନ ନାୟକ) ଏବଂ କାବେରୀ (ପ୍ରୀତି ବିଶ୍ୱାଳ)ଙ୍କ ବଢୁଥିବା ପ୍ରେମ ମଝିରେ ପାଚେରୀ ସାଜିଛି କେଲୁଙ୍କ ପିତାଙ୍କର ଏକ ମୋଟର ସାଇକେଲ ଦାବି । ଏହି ଦାବି କିପରି ପାରିବାରିକ କଳହ ଓ ହଟଚମଟ ସୃଷ୍ଟି କରୁଛି, ତାହା ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରାଯାଇଛି । ଏହି ସିନେମାରେ କୁନା ତ୍ରିପାଠୀଙ୍କ ଜବରଦସ୍ତ କମେଡି ଟାଇମିଂ ଏବଂ ଜ୍ୟୋତିଙ୍କ ଅଭିନୟ ବଡ଼ ପରଦାରେ ବେଶ ପ୍ରଶଂସିତ ହୋଇଥିଲା । ସୋମେଶ ଶତପଥୀଙ୍କ ସଙ୍ଗୀତ ଏବଂ ଡକ୍ଟର ନିର୍ମଳ ନାୟକଙ୍କ ଗୀତ ସିନେମାକୁ ଅଧିକ ଜୀବନ୍ତ କରିଛି । ପ୍ରେମ ଏହି ପାରିବାରିକ ଅହଂକାର ଓ ସର୍ବସମ୍ମୁଖରେ ଅପମାନକୁ ସହିପାରିବ କି ନାହିଁ, ତାହା ଦେଖିବାକୁ ମିଳିବ କେବଳ 'ଜୀ ସାର୍ଥକ' ପରଦାରେ ।

# ରଣବୀରଙ୍କୁ ସାଥ୍ ଦେଲା ଧୂରନ୍ଧର

ରଣବୀରଙ୍କ ଭାଗ୍ୟ ସାଥ୍ ଦେଇଛି । ଧୂରନ୍ଧର ସିନେମାର ବ୍ୟବସାୟିକ ସଫଳତା କେବଳ ରଣବୀରଙ୍କୁ ନୁହେଁ ବରଂ ପୂରା ଟିମକୁ ଦେଇଛି ଅଭୂତପୂର୍ବ ଆନନ୍ଦ । 'ଧୁରନ୍ଧର-୨' ରଣବୀର ସିଂହଙ୍କ କ୍ୟାରିଅରର ସବୁଠାରୁ ବଡ଼ ଫିଲ୍ମ ମଧ୍ୟରୁ ଗୋଟିଏ, କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛି । ରଣବୀର ସିଂହଙ୍କ ଶକ୍ତିଶାଳୀ ଅଭିନୟ, ଆକ୍ସନ୍ ସିକ୍ୱେନ୍ସ ଏବଂ ଆକର୍ଷଣୀୟ କାହାଣୀ ଦର୍ଶକଙ୍କଠାରୁ ଢେର ଭଲ ପାଇବା ପାଇଛି । ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ସ୍ପାଏ-ଆକ୍ସନ୍ ଫିଲ୍ମଟି ମୁକ୍ତିଲାଭ ପରଠାରୁ ବକ୍ସ ଅଫିସରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛି । ଫିଲ୍ମଟି ଅଷ୍ଟମ ସପ୍ତାହ ଅତିକ୍ରମ କରିଥିଲେ ସୁଦ୍ଧା, ବକ୍ସ ଅଫିସରେ ନିଜର ସ୍ଥିତି ବଜାୟ ରଖିବାରେ ସଫଳ ହୋଇଛି । ଏହା ପରେ ଅନେକ ଫିଲ୍ମ ରିଲିଜ୍ ହୋଇଥିଲେ ସୁଦ୍ଧା କୌଣସି ପ୍ରଭାବ ପଡ଼ିନାହିଁ ।





# ଏକତା କପୁର ନାଁରେ ଅଭିଯୋଗ



ପ୍ରିୟଦର୍ଶନଙ୍କ ଡାଇରେକ୍ସନରେ ନିର୍ମାଣ ହୋଇଥିବା ଭୂତ ବଙ୍ଗଳା ସିନେମାରେ ଅକ୍ଷୟ କୁମାର ଏବଂ ଏକତା କପୁର ଟଙ୍କା ବିନିଯୋଗ କରିଥିଲେ । ତେବେ ଏକତା କପୁର, ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନଙ୍କୁ ଇନଷ୍ଟାଗ୍ରାମରେ ପ୍ରଂଶସା କରିଥିଲେ । ଫିଲ୍ମ ସେମାନଙ୍କୁ ସଫଳତା ଦେବା ସହିତ ଦର୍ଶକଙ୍କ ହିଟ୍ ସାବ୍ୟସ୍ତ କରିଛନ୍ତି । ହେଲେ ସେମାନଙ୍କ ନାଁରେ ପେମେଣ୍ଟ ନ ଦେଇଥିବାର ସଙ୍ଗୀନ ଅଭିଯୋଗ ଆସିଛି । ଜଣେ ଟିମ୍ ମେମ୍ବର ଅଭିଯୋଗ କରିଛନ୍ତି କି, ତାଙ୍କର ୩୦ ଲକ୍ଷ ମିଳିନାହିଁ । ଅନ୍ୟ ଜଣଙ୍କର ୧୮ ଲକ୍ଷ ଟଙ୍କା ବାକିଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି । ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ ଭୂତ ବଙ୍ଗଳା ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି । ୨୦ ଦିନରେ ଏହି ସିନେମା ବିଶ୍ୱବ୍ୟାପୀ ୨୫୦ କୋଟି ଟଙ୍କାରୁ ଅଧିକ ରୋଜଗାର କଲାଣି । 'ଭୂତ ବଙ୍ଗଳା' କ୍ଷେତ୍ରରେ, ଜଣେ ବିକ୍ରେତା ଏପରି ଅଭିଯୋଗ କରିଛନ୍ତି ଯେ ପ୍ରଡକ୍ସନ ହାଉସ୍ ପେମେଣ୍ଟ କ୍ଷେତ୍ରରେ ଷ୍ଟାର ଏବଂ ମୁଖ୍ୟ ଟିମ୍ ମେମ୍ବରଙ୍କୁ ପ୍ରାଥମିକତା ଦେଉଛି, କିନ୍ତୁ ଅନ୍ୟମାନଙ୍କୁ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କା ପାଇବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁଛି । ଅନ୍ୟପକ୍ଷରେ, ଏକତା କପୁରଙ୍କ ବାଲାଜୀ ମୋସନ୍ ପିକଚର୍ସ ଦାବି କରିଛି ଯେ, ସମସ୍ତଙ୍କ ବକେୟା ରାଶି ପେମେଣ୍ଟ ହୋଇସାରିଛି । ଏହା ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ।

# ତ୍ରିଶାଙ୍କ ପାଇଁ ଭାଗ୍ୟବାନ ଥଲାପତି



ଚର୍ଚ୍ଚା ହେଉଛି କି ଥଲାପତିଙ୍କ ଲକି ସାବ୍ୟସ୍ତ ହେଲେ ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ୍ । ଟିଭିକେର ଏହି ସଫଳତା ପଛରେ ବିଜୟଙ୍କ ଗାର୍ଲଫ୍ରେଣ୍ଡ ବୋଲି କୁହାଯାଉଥିବା ତ୍ରିଶା କ୍ରିଷ୍ଣନ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ତାମିଲ ସିନେମାର ସବୁଠାରୁ ହିଟ୍ ଅନ୍-ସ୍କ୍ରିନ୍ ଯୋଡି ଭାବେ ପରିଚିତ ବିଜୟ ଏବଂ ତ୍ରିଷା ପ୍ରଥମ କରି ୨୦୦୪ରେ 'ଘିଲ୍ଲୀ' ଚଳଚ୍ଚିତ୍ରରେ ଏକାଠି କାମ କରିଥିଲେ । 'ଘିଲ୍ଲୀ' ପରେ ଏହି ଯୋଡି 'ଥିରୁପାଚି', 'ଆଥି' ଏବଂ 'କୁରୁଭି' ଭଳି ଚଳଚ୍ଚିତ୍ରରେ ନିଜର ଜାଦୁ ଦେଖାଇଛନ୍ତି । ଦୀର୍ଘ ୧୫ ବର୍ଷର ବ୍ୟବଧାନ ପରେ ୨୦୨୩ରେ ଲୋକେଶ କାନାଗରାଜଙ୍କ ଫିଲ୍ମ 'ଲିଓ'ରେ ଏହି ଦୁଇଜଣଙ୍କୁ ପୁଣି ଏକାଠି ଦେଖିବାକୁ ମିଳିଥିଲା, ଯାହା ବକ୍ସ ଅଫିସରେ ସଫଳତା ପାଇଥିଲା । ତେବେ କଣ ତ୍ରିଶା କଣ ସକ୍ରିୟ ରାଜନୀତିରେ ଏଣ୍ଟ୍ରି କରିବେ କି ଦର୍ଶକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଥଲାପତି ବିଜୟ ତାମିଲନାଡୁ ରାଜନୀତିରେ ହିରୋ ଭଳି ଏଣ୍ଟ୍ରି କରିଛନ୍ତି । ଥଲାପତିଙ୍କ ବିଜୟ ପରେ ତାଙ୍କ ପାଖେ ପାଖେ ସର୍ବଦା ରହୁଥିବା ତ୍ରିଶାଙ୍କ ଡ଼ିମାଣ୍ଡ କାହିଁରେ କଣ ବଢ଼ିଯାଇଛି । ଏପରିକି କିଛି ତାଙ୍କୁ ବିଜୟଙ୍କ 'ଲେଡି ଲକ୍' ଭାବେ ସମ୍ବୋଧନ କରୁଛନ୍ତି । ତ୍ରିଶା ଜନ୍ମଦିନ ପାଇଁ ତିରୁମାଳା ମନ୍ଦିର ଯାଇ ଦର୍ଶନ ଏବଂ ପୂଜାର୍ଚ୍ଚନା ସାରି ବିଜୟଙ୍କ ଘରେ ପହଞ୍ଚି କିଛି ଘଣ୍ଟା ବିତାଇଥିଲେ । ୫୧ ବର୍ଷୀୟ ବିଜୟ ତାମିଲ ଫିଲ୍ମ ଜଗତର ବଡ଼ ଷ୍ଟାର ହୋଇଥିବାବେଳେ ତ୍ରିଶାଙ୍କୁ 'କ୍ୱିନ୍ ଅଫ୍ ସାଉଥ୍ ଇଣ୍ଡିଆ' ଭାବେ ସମ୍ବୋଧନ କରାଯାଏ । ଉଭୟ ପ୍ରାୟ ୫ଟି ଫିଲ୍ମରେ ଏକାଠି ନଜର ଆସିଛନ୍ତି । ୨୦୨୩ର ସୁପରହିଟ୍ ଫିଲ୍ମ 'ଲିଓ'ରେ ଉଭୟ ଅଭିନୟ କରିଥିଲେ ।




# ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆଇନ୍ ଶିକ୍ଷା

ନିବେଦିତା ଶତପଥୀ

‘ଆଇନର ଅଜ୍ଞତା ଅପରାଧରୁ ମୁକ୍ତି ଦିଏ ନାହିଁ’ - ଏହି ଆପ୍ତବାକ୍ୟଟି ଏକ ସୁସ୍ଥ ଗଣତାନ୍ତ୍ରିକ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିଙ୍କୁ ସଚେତନ, ଦାୟିତ୍ୱବାନ ଏବଂ ସଶକ୍ତ କରିବା। ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନର ଶାସନ ସର୍ବୋପରି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଆମର ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଗଣିତ, ବିଜ୍ଞାନ ଓ ସାହିତ୍ୟରେ ଦକ୍ଷ କରୁଥିଲେ ମଧ୍ୟ ସେମାନଙ୍କୁ ସାମ୍ବିଧାନିକ ଓ ଆଇନଗତ ଜ୍ଞାନ ଦେବାରେ ଅନେକ ସମୟରେ ପଛରେ ରହିଯାଏ। ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଆଇନଗତ ଶିକ୍ଷା ବା ‘ଲିଗାଲ୍ ଲିଟେରାସି’ ପ୍ରଦାନ କରିବା ଆଜିର ସମୟର ଏକ ଅନିବାର୍ଯ୍ୟ ଆବଶ୍ୟକତା।

**ସାମ୍ବିଧାନିକ ମୂଲ୍ୟବୋଧ ଓ ନାଗରିକତା ଶିକ୍ଷା:**

ଭାରତୀୟ ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ୍। ବିଦ୍ୟାଳୟ ସ୍ତରରୁ ଶିକ୍ଷାର୍ଥୀମାନେ ସମ୍ବିଧାନର ପ୍ରସ୍ତାବନା, ମୌଳିକ ଅଧିକାର ଏବଂ ମୌଳିକ କର୍ତ୍ତବ୍ୟ ବିଷୟରେ ଗଭୀର ଜ୍ଞାନ ଆହରଣ କରିବା ଉଚିତ୍। ଜଣେ ଛାତ୍ର ଯେତେବେଳେ ନିଜର ‘ସମାନତାର ଅଧିକାର’ ବା ‘ଶୋଷଣ ବିରୋଧୀ ଅଧିକାର’ ବିଷୟରେ ଜାଣେ, ସେ ସମାଜରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ସଞ୍ଚୟ କରେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଏବଂ ସାମ୍ବିଧାନିକ ନୈତିକତା ଜାଗ୍ରତ କରେ। ଜାତୀୟ ଶିକ୍ଷାନୀତି (ଏନ୍ଇପି) ୨୦୨୦ ଏବଂ ଓଡ଼ିଶା ପାଠ୍ୟକ୍ରମ ରୂପରେଖ (ଓସିଏଫ୍) ୨୦୨୫ ମଧ୍ୟ ଶିକ୍ଷାର୍ଥୀଙ୍କୁ ଜଣେ ‘ଗ୍ଲୋବାଲ୍ ସିଟିଜେନ୍’ ଭାବେ ଗଢ଼ିବା ପାଇଁ

**ସାମ୍ବିଧାନିକ ସାମାଜିକ ଅପରାଧ ନିୟନ୍ତ୍ରଣ ଓ ସଚେତନତା:**

ସମାଜରେ ଅପରାଧ ବଢ଼ିବାର ଏକ ମୁଖ୍ୟ କାରଣ ହେଉଛି ଆଇନ୍ ବିଷୟରେ ଅଜ୍ଞତା। ଯୌତୁକ ନିରୋଧ ଆଇନ୍, ଶିଶୁ ଶ୍ରମିକ ନିଷେଧ ଆଇନ୍ ଏବଂ ନିଶାଦ୍ରବ୍ୟ ନିୟନ୍ତ୍ରଣ ଆଇନ୍ ବିଷୟରେ ଯଦି କିଶୋର ଅବସ୍ଥାରୁ ଶିକ୍ଷା ଦିଆଯାଏ, ତେବେ ଅପରାଧିକ ମନୋବୃତ୍ତି ହ୍ରାସ ପାଇବ। ବିଶେଷ କରି ମହିଳା ଓ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପୋକସୋ ଆଇନ୍ ବିଷୟରେ ଛାତ୍ରଛାତ୍ରୀମାନେ ଜାଣିବା ନିହାତି ଜରୁରୀ। ଏହା ସେମାନଙ୍କୁ ନିଜର ସୁରକ୍ଷା କରିବା ସହ ଅସାମାଜିକ ତତ୍ତ୍ୱଙ୍କ କବଳରୁ ରକ୍ଷା ପାଇବାରେ ସାହାଯ୍ୟ କରେ।

**ଡିଜିଟାଲ୍ ଯୁଗ ଓ ସାଇବର ଆଇନର ଗୁରୁତ୍ୱ:**

୨୦୨୬ ମସିହାର ଏହି ପ୍ରଯୁକ୍ତିବିଦ୍ୟା ଯୁଗରେ ସାଇବର ଅପରାଧ ଏକ ବିରାଟ ଆହ୍ୱାନ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିଟି ଶିକ୍ଷାର୍ଥୀ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଡାଟା ପ୍ରାଇଭେସି, ସୋସିଆଲ ମିଡିଆ ବୁଲିଙ୍ଗ୍ ଏବଂ ଅନ୍‌ଲାଇନ୍ ଠକେଇରୁ ବର୍ତ୍ତିବା ପାଇଁ ଆଇଟି ଆକ୍ଟର ପ୍ରାଥମିକ ଜ୍ଞାନ ରହିବା ଆବଶ୍ୟକ। ଆଇନ୍ ଶିକ୍ଷା ସେମାନଙ୍କୁ ଦାୟିତ୍ୱବାନ ଡିଜିଟାଲ୍ ନାଗରିକ ଭାବେ ଗଢ଼ିତୋଳିବ।

**ନ୍ୟାୟିକ ବ୍ୟବସ୍ଥା ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ:**

ଅନେକ ସମୟରେ ଲୋକମାନେ କୋର୍ଟ-କଚେରୀକୁ ଭୟ କରନ୍ତି। ଆଇନ୍ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ବୁଝାଇଥାଏ ଯେ ନ୍ୟାୟପାଳିକା ହେଉଛି ସାଧାରଣ ଜନତାଙ୍କ ବନ୍ଧୁ। ଜନସ୍ୱାର୍ଥ ମାମଲା (ପିଆଇଲ୍), ମାଗଣା ଆଇନଗତ ସହାୟତା ଏବଂ ଲୋକ ଅଦାଲତ ପରି ବ୍ୟବସ୍ଥା ବିଷୟରେ ଜାଣିଲେ ସେମାନେ ଭବିଷ୍ୟତରେ ଅନ୍ୟାୟର ଶିକାର ହେଲେ ଉପଯୁକ୍ତ ସ୍ଥାନରେ ଗୁହାରି କରିପାରିବେ। ବିଦ୍ୟାଳୟମାନଙ୍କରେ ‘ମକ୍ କୋର୍ଟ’ ବା କୃତ୍ରିମ ନ୍ୟାୟାଳୟ ମାଧ୍ୟମରେ ଶିକ୍ଷାଦାନ କଲେ ଶିକ୍ଷାର୍ଥୀଙ୍କ ମଧ୍ୟରେ ଯୁକ୍ତି କରିବାର ଦକ୍ଷତା ଓ ନିରପେକ୍ଷ ବିଚାରଧାରା ବିକଶିତ ହୁଏ।

**ଦୈନନ୍ଦିନ ଜୀବନରେ ଆଇନର ପ୍ରୟୋଗ:**

ଆଇନ୍ କେବଳ କୋର୍ଟ ରୁମ୍‌ରେ ସୀମିତ ନୁହେଁ। ଟ୍ରାଫିକ୍ ନିୟମ, ଖାଉଟି ଅଧିକାର, ପରିବେଶ ସୁରକ୍ଷା ଆଇନ୍ ଏବଂ ସୂଚନା ଅଧିକାର ଆଇନ୍ ପରି ବିଷୟଗୁଡ଼ିକ ଆମର ଦୈନନ୍ଦିନ ଜୀବନ ସହ ଜଡ଼ିତ। ଜଣେ ଶିକ୍ଷିତ ଯୁବକ ଯଦି ନିଜର ଖାଉଟି ଅଧିକାର ବିଷୟରେ ଜାଣେ, ତେବେ ସେ ବଜାରରେ ଠକାମିରୁ ରକ୍ଷା ପାଇପାରିବ। ଏହି ବ୍ୟବହାରିକ ଜ୍ଞାନ ହିଁ ଶିକ୍ଷାକୁ ସାର୍ଥକ କରିଥାଏ।

**ଗଣତନ୍ତ୍ରର ସୁଦୃଢ଼ୀକରଣ:**

ଗଣତନ୍ତ୍ରରେ ଭୋଟ୍ ଦେବାର ଅଧିକାର ଏବଂ ନିର୍ବାଚନ ପ୍ରକ୍ରିୟା ବିଷୟରେ ଆଇନଗତ ଜ୍ଞାନ ରହିଲେ, ଯୁବପିଢ଼ି ଉପଯୁକ୍ତ ନେତା ଚୟନ କରିପାରିବେ। ‘ନୋଟା’ ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବିଷୟରେ ସଚେତନତା ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବ। ଆଇନ୍ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ‘ଶାସିତ’ ନୁହେଁ, ବରଂ ‘ସଚେତନ ଅଂଶୀଦାର’ ଭାବେ ଗଢ଼ିତୋଳେ।

**ଲ୍ୟାଣ୍ଡମାର୍କ ଜଜ୍‌ମେଣ୍ଟ :**

- ଏମ.ସି. ମେହେଟ୍ଟା ବନାମ ଭାରତ ସରକାର (୧୯୮୬): ପରିବେଶ ଆଇନ୍ ଶିକ୍ଷା ବାଧ୍ୟତାମୂଳକ।
- ଉନ୍ନିକୃଷ୍ଣନ୍ ବନାମ ଆନ୍ଧ୍ରପ୍ରଦେଶ (୧୯୯୩): ଶିକ୍ଷା ପାଇବାର ଅଧିକାର ଏକ ମୌଳିକ ଅଧିକାର।
- ବିଶାଖା ବନାମ ରାଜସ୍ଥାନ (୧୯୯୭): ମହିଳା ସୁରକ୍ଷା



ଗାଇଡ୍ ?ଲାଇନ୍।

ଆଇନଗତ ଶବ୍ଦାବଳୀ (Legal Glossary):

୧. ସମ୍ବିଧାନ: ଦେଶର ସର୍ବୋଚ୍ଚ ଆଇନ୍।
୨. ଏଫ୍.ଆଇ.ଆର୍ : ପ୍ରଥମ ସୂଚନା ରିପୋର୍ଟ।
୩. ଜନସ୍ୱାର୍ଥ ମାମଲା: ସମାଜ ମଙ୍ଗଳ ପାଇଁ କୋର୍ଟରେ ଦାୟର ମାମଲା।
୪. ଜାମିନ୍ : କଏଦୀଙ୍କ ସାମୟିକ ମୁକ୍ତି।
୫. ଲୋକ ଅଦାଲତ: ସାଲିସ୍ ମାଧ୍ୟମରେ ନ୍ୟାୟ।

ଆଇନ୍ ଶିକ୍ଷା ହେଉଛି ସଭ୍ୟ ସମାଜର ମେରୁଦଣ୍ଡ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହାର ଶିକ୍ଷାଦାନ ଜରୁରୀ ନୁହେଁ ବରଂ ଏକ ନିହାତି ଆବଶ୍ୟକତା। ଏକ ନ୍ୟାୟପୂର୍ଣ୍ଣ, ଶୃଙ୍ଖଳିତ ଏବଂ ସମୃଦ୍ଧ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଆଇନଗତ ଭାବେ ସଶକ୍ତ କରିବା ହିଁ ପ୍ରକୃତ ଶିକ୍ଷା।

**ଆଇନ୍‌ଜୀବୀ, ଚାନ୍ଦବାଲି, ଭଦ୍ରକ**
**ମୋ-୯୬୯୨୪୯୯୯୬୦**

## ଜ୍ଞାନ ବିଜ୍ଞାନ



**ସାଗରିକା ରାଉତ**
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

# ସଞ୍ଜିବନୀ



ଡାକ୍ତର ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ ଷ୍ଟାଫିଲୋ କୋକସ ଜୀବାଣୁ ଉପରେ ଗବେଷଣା କରୁଥିଲେ। ଏହି ଜୀବାଣୁ ଶରୀର ର କ୍ଷତ କୁ ବିଷାକ୍ତ କରି ଦିଏ। ଘାଆକୁ ପଚାଇ ଦିଏ। ମସ୍ତିଷ୍କକୁ ସଂକ୍ରମଣ କରିଥାଏ। ଗବେଷଣାଗାରରେ ସେ ବିଭିନ୍ନ କଲଚର୍ ପାତ୍ରରେ ଏହି ଜୀବାଣୁ ଗୁଡିକୁ ରଖି ପରୀକ୍ଷା ନିରୀକ୍ଷା କରୁଥିଲେ। ମଣିଷ ଦେହରେ କୌଣସି କ୍ଷତିକାରକ ପ୍ରଭାବ ଉତ୍ପନ୍ନ ନକରି, ତା’ଦେହରେ ରୋଗ ଜୀବାଣୁ ଧ୍ୱଂସ କରିବ, କ୍ଷତ ଭଲ କରିବ, ପ୍ରତିଶେଧକ ଭାବରେ କାମ କରିବ। ଏହିପରି ଗୋଟିଏ ଔଷଧ ଆବିଷ୍କାର କରିବାକୁ ଦୀର୍ଘଦିନ ଧରି ଫ୍ଲେମିଙ୍ଗ ଅକ୍ଳାନ୍ତ ପରିଶ୍ରମ କରି ଚାଲିଥିଲେ।

ଥରେ କିଛିଦିନ ଧରି ସେ ପରୀକ୍ଷାଗାରକୁ ଆସି ପାରି ନଥିଲେ। ତା’ପରେ ସେ ଆସି ଦେଖିଲେ, ବାହାରର କିଛି ଉଡି ଆସି କଲଚର୍ ପାତ୍ରରେ ପଡ଼ିବା ଦ୍ୱାରା ପୂର୍ବରୁ ରୋପଣ କରାଯାଇ ଥିବା ଷ୍ଟେଫି କୋକସ୍ ଜୀବାଣୁ ଗୁଡାକ ମୃତ୍ୟୁ ଲାଭ କରିଥଲେ। ପବନରେ ହଜାର ହଜାର ଜୀବାଣୁ ଏଣୁ ସେଥିମଧ୍ୟରୁ କେହି ଶିକାରୀ ହୋଇଥିବ। ସେ ପ୍ରଥମେ ଉକ୍ତ ପରିଣାମକୁ ଗୁରୁତ୍ୱ ଦେଇ ନଥିଲେ। ଆଉଦିନେ ଏହିପରି କାଣ୍ଡର ପୁନରାବୃତ୍ତି ହେଲା। ସେ ଅଣୁବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଦେଖିଲେ। ତାଙ୍କୁ ଦୃଶ୍ୟ ହେଲା ଜୀବାଣୁ ମଣ୍ଡଳି ଉପରେ ସବୁଜ ରଙ୍ଗର ଛତୁ ଜାତୀୟ ଆସ୍ତରଣ ଜମି ଯାଇଛି। ପ୍ରଥମେ ସେ ବ୍ୟସ୍ତ ହୋଇଗଲେ। ଭାବିଲେ, ପରୀକ୍ଷା ସରଞ୍ଜାମ ବଦଳାଇ ଆଉଥରେ ଯୋଗାଡ କରିବାକୁ ପଡିବ। ପରୀକ୍ଷାଗାରକୁ ବିଶୋଧନ କରିବାକୁ ପଡିବ। ଏହିପରି ଚିନ୍ତାକରି ସେ ମଇଳା ପାତ୍ରକୁ ଫୋପାଡ଼ି ଦେବାକୁ ଯାଉଥିଲେ। ହଟାତ୍ ପୁଣି କିଛି ନୂଆ କଥା ତାଙ୍କୁ ଆଲୋଡିତ କରିଲା। ସେ ପାତ୍ରଟିକୁ ମାଜିଲେ ନାହିଁ। ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପୁଣି ଥରେ ଦେଖିଲେ। ଆଶ୍ଚର୍ଯ୍ୟର କଥା ସେ ଲକ୍ଷ କଲେ ଛତୁ ଯେତିକି ବୃଦ୍ଧି ପାଉଛି, ଜୀବାଣୁ ସେତିକି ତଦନୁପାତିକ ମରିଯାଉଛନ୍ତି। ଅର୍ଥାତ୍ ଛତୁରୁ ନିର୍ଗତ ରସାୟନ ଷ୍ଟିଫିକୋକାସ ଜୀବାଣର ଘାତକ ସାବ୍ୟସ୍ତ। ଏହାପରେ ନବ ଉତ୍ସାହରେ ସେ ତାଙ୍କ ଗବେଷଣାରେ ନିମଗ୍ନ ହୋଇଗଲେ। ଜୀବବିଜ୍ଞାନ ମାନଙ୍କ ସାହାଯ୍ୟରେ ଛତୁଟିର ନାମ ପେନସିଲିଅମ୍ ନୋଟେଟାମ। ତା’ର ମଞ୍ଜି ବା ସ୍ପୋର ପବନରେ ଉଡିଆସି କଲଚର୍ ପାତ୍ରରେ ପଡିଥିଲା। ଏହି ଛତୁ ଜାତୀୟ ପଦାର୍ଥ ନିର୍ଯାସରୁ ପ୍ରସ୍ତୁତ ହେଲା ପେନ୍‌ସିଲିନ ପ୍ରଥମ ଆଣ୍ଟିବାୟୋଟିକ। ମଣିଷର ସଞ୍ଜିବନୀ।

ପ୍ରକୃତି



# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀମାନଙ୍କର ଧ୍ୱନୀ

ନାରାୟଣ ଚନ୍ଦ୍ର ବିଶ୍ୱାଳ



ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜ୍ଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀ ମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି । ଦିନ ଥିଲା ତିମି ମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁଷୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ । ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ । ବର୍ତ୍ତମାନ ଆମମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି । ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ । ବିଶେଷଜ୍ଞମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ । ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଊର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି । ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି । କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି । ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ । ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ । ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି । ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି । ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି ।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ । ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି । ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି । ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା । ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି । ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି । ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି । ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି । ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି । ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି । କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ । ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି ।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି । ସେମାନେ ସାମହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି । ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି । ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି । ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ଥ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି । ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି । ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ । ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ । ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ । ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ । ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା । ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୁକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା !!

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ', କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**







ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# କାନ ପାଇଁ ଖରାଦିନିଆ ମୁଣ୍ଡବୁଲା

**ଓଡ଼ିଶାରେ ଗ୍ରୀଷ୍ମର ପ୍ରଚଣ୍ଡ ତାତି ଜନଜୀବନକୁ ଏକ ପ୍ରକାର ଅସ୍ତବ୍ୟସ୍ତ କରି ଦେଉଛି। ପ୍ରଚଣ୍ଡ ଖରା ଓ ଗରମରେ ରାଜ୍ୟବାସୀ ସନ୍ତୁଳି ହେଉଥିବାବେଳେ ଆଞ୍ଚଳିକ ପାଣି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ହିଟ୍ ୱେ୍ଭ ୱାର୍ଣ୍ଣିଂ ଜାରି ହୋଇଛି। ଏହାର ପରିଣାମକୁ ନଜରରେ ରଖି ରାଜ୍ୟରେ ଖୁବ ଶୀଘ୍ର ଖୋଲିବାକୁ ଯାଉଛି ହିଟୱେ୍ଭ କେନ୍ଦ୍ର। ପ୍ରକୃତି ଅସ୍ୱାଭାବିକତା ବିଶ୍ୱରେ ଯେଉଁପରି ଜଳବାୟୁ ପରିବର୍ତ୍ତନ ହେଉଛି ଏହାର କୁପରିଣାମ ଆମେ ସମସ୍ତେ ଅନୁଭବ କରୁଛେ। ଦିନ ଦଶଟା ପରେ ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇଯାଉଛି।**

ନାରାୟଣ ଚନ୍ଦ୍ର ବିଶ୍ୱାଳ



ଖରାଦିନେ ମୁଣ୍ଡ ବୁଲାଇବା ଏକ ସାଧାରଣ ସମସ୍ୟା। ଛୋଟ ଠାରୁ ବଡ଼ ସମସ୍ତଙ୍କୁ ଏହା ପ୍ରଭାବିତ କରିଥାଏ। ମୁଣ୍ଡ ବୁଲାଇବା ସାଧାରଣତଃ ଦୁଇ ପ୍ରକାର। ମୁଣ୍ଡ ବୁଲାଇବା ବେଳେ କିଛି ଲୋକ ଘରଦ୍ୱାରା, ଗଛଲତା ସବୁ ବୁଲାଉଛି ବୋଲି କୁହନ୍ତି। ଆଉ କିଛି ଲୋକ କୁହନ୍ତି ଖାଲି ପଡ଼ିଗଲା ଭଳି ଲାଗୁଛି। କିଛି ଲୋକ ଉପରୋକ୍ତ ଦୁଇ ପ୍ରକାର ମୁଣ୍ଡ ବୁଲା ହୁଏବୋଲି କୁହନ୍ତି। ଏହି ମୁଣ୍ଡ ବୁଲାଇବା ବିଭିନ୍ନ କାରଣରୁ ହେଉଥିଲେ ମଧ ମୁଖ୍ୟତଃ ତିନୋଟି କାରଣରୁ ଏହା ହୋଇଥାଏ। କାନ, ଆଖି ଅଥବା ମସ୍ତିଷ୍କ (ସେରିବେଲମ୍)ରେ ମାତ୍ରାଧିକ ଅସୁବିଧା ରହିଲେ ଏପରି ହୋଇଥାଏ। ଉପରୋକ୍ତ ଏକାଧିକ ଅଙ୍ଗମାନଙ୍କର ଅସୁବିଧା ରହିଲେ ସମସ୍ୟାଟି ଆହୁରି ଗମ୍ଭୀର ଜଣାପଡ଼େ। ଆସନ୍ତୁ ଆମେ ଏଠାରେ କେବଳ କାନ ପାଇଁ ହେଉଥିବା ମୁଣ୍ଡବୁଲା ବିଷୟରେ ସମ୍ୟକ ଚର୍ଚ୍ଚା କରିବା।

## ସମସ୍ତେ ଭାବନ୍ତି





କାନର କାମ ହେଲା ଶୁଣିବା। ମାତ୍ର କାନର ଆଉ ଏକ କାମ ହେଉଛି ମୁଣ୍ଡକୁ ସନ୍ତୁଳିତ ରଖିବା। ଅନ୍ତଃକର୍ଣ୍ଣରେ ଥିବା କକ୍‌ଲିଆ ଶୁଣିବାରେ ସାହାଯ୍ୟ କରୁଥିଲାବେଳେ ଭେଷ୍ଟିବୁଲାର ଅର୍ଗାନ ସନ୍ତୁଳନରେ ସାହାଯ୍ୟ କରେ। ଶତକଡ଼ା ଅଶୀଭାଗ ମୁଣ୍ଡବୁଲା ରୋଗୀ କାନଜନିତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବାକି କୋଡିଏ ଭାଗ ଆଖି ଅଥବା ମୁଣ୍ଡ କାରଣରୁ ପ୍ରଭାବିତ ହୋଇଥାନ୍ତି। କାନ ଜନିତ ସମସ୍ୟା ବହୁତ କାରଣରୁ ହେଉଥିବା ବେଳେ ସେଥିମଧ୍ୟରୁ ମୁଖ୍ୟଟି ହେଲା ମେନିୟର୍ସ ସିଣ୍ଡ୍ରୋମ୍। ସାଧାରଣ ଶ୍ରବଣ ପରୀକ୍ଷା (ଅଡ଼ିଓମେଟ୍ରି), ଟିମ୍ପାନୋମେଟ୍ରି ଏବଂ ଇଏନ୍‌ଜି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ। ଯେହେତୁ ଏହା ସ୍ନାୟୁଗତ ସମସ୍ୟା ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ କଲେ ତୁରନ୍ତ ଫଳ ମିଳିଥାଏ। ବେଳେ ବେଳେ ଔଷଧୀୟ ଚିକିତ୍ସା ଡେରି ହେବାଫଳରେ ସମସ୍ୟାଟି ପୂର୍ଣ୍ଣମାତ୍ରାରେ ସମାହିତ ହୋଇପାରେ ନାହିଁ। ଏହି ସମୟରେ ଭେଷ୍ଟିବୁଲାର ଏକ୍ସରସାଇଜ ମାଧ୍ୟମରେ ଚିକିତ୍ସା କରାଯାଏ। ଅନ୍ୟଥା ସ୍ଥଳବିଶେଷରେ ଶଲ୍ୟ ଚିକିତ୍ସା କରିବା ଜରୁରୀ ଅଟେ। ଏହାଛଡ଼ା ରୋଗୀକୁ ଖାଦ୍ୟ ପାନୀୟ ଇତ୍ୟାଦିରେ ସବଧାନତା ଅବଲମ୍ବନ କରିବାକୁ ପଡ଼େ। ବେଳେ ବେଳେ ସଠିକ ଶ୍ରବଣ ଯନ୍ତ୍ର ବ୍ୟବହାର ଦ୍ୱାରା ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇଥାଏ।

ଏଥର ମୌସୁମୀ ଆସିବାକୁ ପ୍ରାୟ କିଛି ସପ୍ତାହ ବାକି ଅଛି। ଆସନ୍ତୁ ଏହି ପରିପ୍ରେକ୍ଷୀରେ ଆମର ଖାଦ୍ୟ, ପାନୀୟ ଇତ୍ୟାଦିରେ ଥିବା ସାବଧାନତା ବିଷୟରେ ସମ୍ୟକ ଆଲୋଚନା କରିବା। ଓଡ଼ିଶାର ଲୋକେ ସାଧାରଣତଃ ପଖାଳପ୍ରିୟ। ଖରାଦିନେ ଧନୀ, ଗରିବ ସମସ୍ତେ ପଖାଳ ଖାଇବା ସ୍ୱାଭାବିକ। ସାଧାରଣତଃ ସ୍କୁଲ ପଢୁଆ ପିଲାମାନେ ଦିନକୁ ଦୁଇରୁ ତିନିଥର ପଖାଳ ଖାଇଥାନ୍ତି। ପଖାଳର ତୋରାଣିରେ ଯେଉଁମାତ୍ରାରେ ଲୁଣ ପଡ଼େ ତାହା ଆମେ ସମସ୍ତେ ପିଇ ଦେହର ଲୁଣ ଅଂଶ ଅଧିକ ମାତ୍ରାରେ ବଢ଼ାଇ ଦେଇଥାଉ। ଏହାଛଡ଼ା ଖରାରେ ବୁଲି ଶୋଷ ଲାଗିଲେ ଏକାଥରେ ଗ୍ଲାସରେ ନ ପିଇ ପୁରା ବୋତଲ ବା ମଗ୍ ଶେଷ କରୁ। ଗରମରୁ ବେଳେ ବେଳେ ରାତି ଅନିଦ୍ରା ରହୁ ଏହାଫଳରେ ମୁଣ୍ଡ ବୁଲାଏ। ତେଣୁ ପଖାଳ ଖାଇବା ବେଳେ ତୋରାଣି ନପିଇ ପାଣି ପିଅନ୍ତୁ। ଲୁଣି ଆଚାର ଏବଂ ଶୁଖୁଆ କମ୍ ଖାଆନ୍ତୁ। ଖାଇବାବେଳେ କଞ୍ଚାଲୁଣ ଛୁଅନ୍ତୁ ନାହିଁ। ଡାଲି ତରକାରୀରେ ଯାହା ପଡ଼ିଛି ସେତିକି ଲୁଣ ଖାଆନ୍ତୁ।

ସାଧାରଣତଃ କୁହାଯାଏ ଜଣେ ଲୋକ ପାଇଁ ଦିନକୁ ଅତିକମ୍‌ରେ ପାଞ୍ଚ ଗ୍ରାମ ଲୁଣ ଦରକାର। ପାଣି ଏକାଥରେ ଅଧିକରୁ ଅଧିକ ଦୁଇ ଗ୍ଲାସ କରି ଏକ ଘଣ୍ଟା ଅନ୍ତରରେ ପିଇ ପାରିବେ। ନିଶା ଅଭ୍ୟାସ ଛାଡ଼ନ୍ତୁ। ଅତ୍ୟଧିକ ଚିନ୍ତାରୁ ଦୂରେଇ ରୁହନ୍ତୁ, ରାତି ଅନିଦ୍ରା ରୁହନ୍ତୁ ନାହିଁ, ବ୍ଲଡପ୍ରେସର କଣ୍ଟ୍ରୋଲ ରଖନ୍ତୁ, ତୀବ୍ର ଶବ୍ଦ ଠାରୁ ଦୂରରେ ରୁହନ୍ତୁ। ଯେଉଁମାନଙ୍କର ପୂର୍ବରୁ ମୁଣ୍ଡବୁଲା ରୋଗ ରହିଥାଏ ସେମାନେ ଖରାଦିନେ ଯଥା ସମ୍ଭବ ମାତ୍ରାଧିକ ମୁଣ୍ଡଧୋଇବା ଠାରୁ ଦୂରେଇ ରହିବା ସଙ୍ଗେ ସଙ୍ଗେ ବେଶୀ ସମୟ ଧରି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରିବା ଉଚିତ ନୁହେଁ। ଯଦି ଠିକ୍ ସମୟରେ ଉଚିତ ପଦକ୍ଷେପ ନ ନିଆଯାଏ ତେବେ ଏହି ସମସ୍ୟାଟି ଗୁରୁତର ଆକାରରେ ଧାରଣ କରିଥାଏ। ବେଳେ ବେଳେ ରୋଗୀ ଯିବା ଆସିବା ସମୟରେ ମଧ୍ୟ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ସେଥିପାଇଁ ଏହି ରୋଗ ଦେଖାଯିବା କ୍ଷଣି ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ପରାମର୍ଶ କରିବା ସଙ୍ଗେ ସଙ୍ଗେ ନିଜେ ସାଇକେଲ, ଗାଡ଼ିମଟର ନେଇ ବାହାରକୁ ଯାଆନ୍ତୁ ନାହିଁ। ଆବଶ୍ୟକସ୍ଥଳେ କାହା ସାଙ୍ଗରେ ବସି ଗାଡ଼ିରେ ଯାଇପାରନ୍ତି। ହଠାତ୍ ଚାଲି ଯାଉଥିବାବେଳେ ବା ବସିଥିବାବେଳେ ବାମ, ଡାହାଣ କିମ୍ବା ଉପର ତଳକୁ ଚାହାଁନ୍ତୁନାହିଁ। ଏହାଦ୍ୱାରା ମୁଣ୍ଡବୁଲା ବଢ଼ିଯାଇପାରେ। ହଠାତ ବସି ଉଠିବା ବେଳେ ବା ଶୋଇ କି କଡ଼ ଲେଉଟାଇବା ବେଳେ ଅଧିକ ମୁଣ୍ଡ ବୁଲାଇ ପାରେ। ତେଣୁ ଏଥିରୁ ବଞ୍ଚିତ ରହିବା ଉଚିତ। ମୁଣ୍ଡର ଦିଗ ପରିବର୍ତ୍ତନ କଲାବେଳେ ଧୀରେ ଧୀରେ ପରିବର୍ତ୍ତନ କଲେ କୌଣସି ଅସୁବିଧା ହେବନାହିଁ। ଗାଡ଼ିରେ ବସି ଯିବା ସମୟରେ ହଠାତ୍ ବ୍ରେକ ମାରିବା ସମୟରେ ମୁଣ୍ଡବୁଲାଇବାର ମାତ୍ରା ଅଧିକ ହୋଇଯାଏ ଏଥିରୁ ନିବୃତ ରହିବା ଉଚିତ। ଏପରି ସମସ୍ୟାରେ ବହୁତ ଲୋକ ଏହା ଏକ ବଡ଼ ରୋଗ ବୋଲି ଚିନ୍ତା କରିଥାନ୍ତି। ମାତ୍ର ଏହା ଏକ ସାମାନ୍ୟ ରୋଗ ହୋଇଥିବାରୁ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ଏକ ସପ୍ତାହ ମଧ୍ୟରେ ଉପଶମ ମିଳିଥାଏ।

**ବାକ୍‌ଶ୍ରବଣ ବିଶେଷଜ୍ଞ, ‘ଧ୍ୱନୀ’, କାଠଗୋଲା ରୋଡ଼, କଟକ, ଦୂରଭାଷ : ୯୪୩୮୨୭୬୭୬୦**



ମହକ

## ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ :

# ଗୁରୁ ପବିତ୍ର ମୋହନ ପ୍ରଧାନ ସ୍ମୃତି ସଂସଦ





ଯିଏ ସ୍ରଷ୍ଟା ସିଏ ସୃଷ୍ଟି । ଆମ ସୃଷ୍ଟି ବଡ ବିଚିତ୍ର । ଅନେକ ସୃଷ୍ଟି ବା ଜନ୍ମ ମଧ୍ୟରୁ ମଣିଷ ଜନ୍ମ ଶ୍ରେଷ୍ଠ । ସୃଷ୍ଟିର ଅନ୍ତରାଳରେ ଏମିତି ମଣିଷ ଜନ୍ମ ନିଅନ୍ତି ଏହି ଧରାଧାମରେ ଯେଉଁ ମାନେ ନିଜର କର୍ମ ନେଇ ମହାନ ହୋଇ ଉଠନ୍ତି ଆଉ ଅନେକ ସ୍ମୃତି ଛାଡି ଚାଲି ଯାଆନ୍ତି । ସେହିମାନଙ୍କର ସ୍ମୃତି ସଦା ଜୀବନ୍ତ ଓ ଯାଜୁଲ୍ୟମାନ । ଏହି ମର୍ମରେ କବି ଲେଖିଛନ୍ତି ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର, ପାରିଲେ ଫିଙ୍ଗି ସେ ତ ଲଭନ୍ତା ନିସ୍ତାର । ଭଲ ମଣିଷ ସବୁଠି ପୂଜା ପାଏ ଆଉ ସବୁଠି ସେ ଆଦରଣୀୟ । ଆଜି ଆମ ଗହଣରେ ସେହି ବରେଣ୍ୟ ମହାପୁରୁଷ ବା ଯୁଗ ପୁରୁଷ ବର୍ଗ ନାହାଁନ୍ତି କିନ୍ତୁ ତାଙ୍କ ସ୍ମୃତି, କଥା, ଗାଥା, କୃତି ଓ କୀର୍ତ୍ତି ସବୁ ଉଦାହରଣୀୟ ଓ ପ୍ରେରଣାଦାୟୀ । ସେହିଭଳି ଅନେକଙ୍କ ମଧ୍ୟରେ ସେ ଥିଲେ ଏକ ଆଉ ଅନନ୍ୟ । ପିତା ସ୍ୱର୍ଗତ ଦ୍ୱାରିକାନାଥ ପ୍ରଧାନ ମାତା ବସନ୍ତ ପ୍ରଧାନଙ୍କ ଅମୀୟ ଅଙ୍କ ମଣ୍ଡନ କରି କଟକ ସଦର ୪୨ ମୌଜା ଉପକଣ୍ଠ କୂଳସରିଚୁଆଁ ଗ୍ରାମରେ ଜନ୍ମ ନେଇଥିଲେ ଏହି ପ୍ରତିଭାଧର ଯେକି ଥିଲେ କଥା ସମ୍ରାଟ, ବରିଷ୍ଠ ଶିକ୍ଷାବିତ୍, ସମାଜ ସଂସ୍କାରକ,

ବିଶିଷ୍ଟ ନାଟ୍ୟକାର, ମହାନ ନାଟ୍ୟ ନିର୍ଦ୍ଦେଶକ ଦିବଂଗତ ପବିତ୍ର ମୋହନ ପ୍ରଧାନ (୧୯୫୪ - ୨୦୨୫)। ଦୀର୍ଘ ୭୧ ବର୍ଷରେ ଛାଡି ଯାଇଛନ୍ତି ଅନେକ ଅଭୁଲା ସ୍ମୃତି ଯାହା ଆମ ସମାଜର ଏକ ଗୌରବମୟ ଇତିହାସ । ନିଜ ଗ୍ରାମ ହାଇସ୍କୁଲରୁ ମାଟ୍ରିକ୍ ପାସ୍ ପରେ ଏସଭିଏମ୍ କଲେଜରୁ ଯୁକ୍ତ ତିନି ବିଜ୍ଞାନ ବିଭାଗରେ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି । ସମ୍ମାନନୀୟ ପୂଜ୍ୟ ପବିତ୍ର ଗୁରୁଜୀ, ଆପଣଙ୍କୁ ହରାଇ ବିଦ୍ୟାର୍ଥୀକୂଳ



ଆଜି ଅସହାୟ ଏହି ମର୍ମରେ ଗାଉଛନ୍ତି ‘ଯଦୁପତେ କୋଗତୋ ମଥୁରାପୁରୀ, ରଘୁପତେ କୋଗତୋ ଭର କୋଶଳ ।’ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ସମୟରେ ହୃଦଘାତରେ ଏକାଦଶୀ ତିଥି (ମାର୍ଚ୍ଚ ୨୮ତାରିଖ ୨୦୨୫ ମସିହା)ରେ ବାହୁଡ଼ି ଗଲେ । ଶବ ଆସିଲା କୂଳସରିଚୁଆଁ, ଶବାଧାର ଥିଲା ବିଶାଳ ପଟୁଆର ସମସ୍ତେ କଲେ ଶେଷ ଦର୍ଶନ ଓ ଗ୍ରାମ ଶ୍ମଶାନରେ ହେଲା ଅନ୍ତିମ ସଂସ୍କାର । ତାଂକ ମୃତ୍ୟୁ ପରେ ମହାନ୍ ଜନସେବକଙ୍କ ସ୍ମୃତି ଚାରଣ ସହ ତାଙ୍କ ସ୍ମୃତିରେ ଏକ ସାମାଜିକ ତଥା ସଂଗଠନ ‘ଗୁରୁ ପବିତ୍ର ମୋହନ ପ୍ରଧାନ ସ୍ମୃତି ସଂସଦ’ ଗଠନ କରାଯାଇ ଅନେକ ସେବାକାର୍ଯ୍ୟ କରି ଆପଣଙ୍କ ସ୍ମୃତିର ଅନବଦ୍ୟ ଅନୁପମ ସ୍ୱର ଓ ସ୍ୱାକ୍ଷରକୁ ସଦା ଉଜ୍ଜୀବିତ କରାଯିବାର ଦୃଢ଼ ସଂକଳ୍ପ ନିଆଯାଇଛି । ଏଥିରେ କର୍ଣ୍ଣଧାର ସାଜିଲେ ଆପଣଙ୍କ ତିନି ସୁଯୋଗ୍ୟ ସନ୍ତାନ ଶିକ୍ଷାବିତ୍ ସତ୍ୟଜିତ୍, ବିଶ୍ୱଜିତ, ସୁଜିତ୍ ଆଉ ସଦର ବାସିନ୍ଦା ପୁଣି ସଂଗଠନର ଶୋଭା ମଣ୍ଡନ କରୁଛନ୍ତି ଆପଣଙ୍କ ଗୁଣଗାନ କରୁଥିବା ବା ଆପଣଙ୍କ ଅନନ୍ୟ ଆଦର୍ଶରେ ଅନୁପ୍ରାଣିତ ଥିବା ବିଦ୍ୟାର୍ଥୀ । ସଂସଦର ଲକ୍ଷ୍ୟ ଉଦ୍ଦେଶ୍ୟ ଲୋକଙ୍କ ସେବା, ସାହିତ୍ୟ ସେବା, ପୂଜ୍ୟପୂଜା, ଶିକ୍ଷାର ବିକାଶ, ସମାଜରେ ସକରାତ୍ମକ ଆଦି ଅନେକ ଅତି ମାନବୀୟ ଚିନ୍ତା ଚେତନା ଉପରେ ଆଧାରିତ । ନିଜ ଅଞ୍ଚଳର ଅନେକ ଅନୁଷ୍ଠାନ ସହ ଦୀର୍ଘଦିନ ରହି ଅନେକ ମହତ୍ କାର୍ଯ୍ୟ କରିଛନ୍ତି ଯାହାର କଳନା ନାହିଁ କି ତୁଳନା ନାହିଁ । ଗ୍ରାମାଞ୍ଚଳ କୁନିକୁନି ପିଲାଙ୍କ ପାଦରେ ଘୁଙ୍ଗୁର ବାନ୍ଧି ନଚେଇବା ଶିକ୍ଷାଇଛନ୍ତି ଆପଣ, କଳା, ସାହିତ୍ୟ, ସଂସ୍କୃତି, ନାଟ୍ୟ ଅନୁଷ୍ଠାନ ପାଇଁ ଅବିରତ ସଂଗ୍ରାମ କରିଛନ୍ତି ଆପଣ । ସବୁ ପିଲାଙ୍କ ପ୍ରିୟ ମଣିଷ ଆପଣ । ସମସ୍ତେ ଆଜି ଝୁରୁଛନ୍ତି ଆପଣଙ୍କୁ । ଆପଣଙ୍କ ପରିଚୟ ନାହିଁ ଆପଣ ନିଜେ ହିଁ ନିଜ ପରିଚୟ । ଏକ ଶବ୍ଦରେ କହିଲେ ସେ ଏକ ଅନୁଷ୍ଠାନ, ସେ ଏକ ଆନ୍ଦୋଳନ, ସେ ସଦା ବସନ୍ତ, ପ୍ରବୀଣ ସାରସ୍ୱତ ସାଧକ, ଜନାଦୃତ କବି, କାଳର ପୂଜାରୀ, ପୂଜ୍ୟପୂଜା ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରାଣ, ଭାଷା ଆନ୍ଦୋଳନର ସମର୍ପିତ ଯୋଦ୍ଧା, ସାରସ୍ୱତ ସଙ୍ଗଠକ, ଆଲେଖ୍ୟ ସ୍ରଷ୍ଟା,ଆଧ୍ୟାତ୍ମିକ ଭାବନାରେ ନିମଗ୍ନ ସାଧକ, ସଂସ୍କୃତିର ଉପାସକ, ସାରସ୍ୱତ ସଂଗ୍ରାହକ, ମାନବତାବାଦୀ ପ୍ରାଣ, ଆଦର୍ଶ ମଣିଷ । ଲୋକଙ୍କ ସେବା ବିଶେଷ କରି କଳାର ବିକାଶ ଦିଗରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଆଉ ପ୍ରଧାନ ମହୋଦୟଙ୍କ ସମଗ୍ର ଜୀବନ ସଂଘର୍ଷ ଓ ସଂଘାତରେ ଲହୁ ଲୁହାଣ, ହେଲେ ସ୍ୱାଭିମାନକୁ ସେ କେବେ ହରାଇ ନାହାଁନ୍ତି । ଜୀବନ ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ସାହିତ୍ୟ, ସମାଜ, ଶିକ୍ଷା, କଳା ପାଇଁ କାର୍ଯ୍ୟ କରି ଅମର ହୋଇଛନ୍ତି । କଟକ ତଥା ଜଗତସିଂହପୁର ଜିଲ୍ଲାର ବହୁ ଗ୍ରାମରେ ଆପଣ ନାଟ୍ୟ ନିର୍ଦ୍ଦେଶନା ଦବା ସହ କଳା ବିକାଶ ଦିଗରେ ଏକ ଜାଗରଣ ସୃଷ୍ଟି କରିଥିଲେ । ପିଲାଟି ଦିନରୁ ସେ ଶାନ୍ତ, ଧୃଢ଼ମନା, ସଂସ୍କାରୀ, ନୀତିନିଷ୍ଠ, ତ୍ୟାଗୀ, ଅନୁଷ୍ଠାନ ପ୍ରେମୀ ଓ ସ୍ପଷ୍ଟବାଦୀ ଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଲୋକଙ୍କ ଉନ୍ନତିରେ ତାଙ୍କ ତ୍ୟାଗପୂତ ଜୀବନ ସର୍ବଦା ପ୍ରେରଣାର ଉତ୍ସ । ଆପଣଙ୍କର ଆକସ୍ମିକ ବିୟୋଗ ଅବିଶ୍ୱସନୀୟ ଆଉ ଦୁଃଖରେ ଭରା । ହେ ମାନନୀୟ କଳାର ପୂଜାରୀ ପବିତ୍ର ଜୀ, ମହତ୍ ମଣିଷ ଆପଣଙ୍କଠାରୁ ପାଇଥିବା ସାହାଯ୍ୟ, ପ୍ରେରଣା, ଉପଦେଶ, ଉପକାର, ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ଆଦର ଜୀବନବ୍ୟାପୀ ଅଭୁଲା ରହିବ । ଅନେକ ସାରସ୍ୱତ ସୃଷ୍ଟିର ସ୍ରଷ୍ଟା ବରେଣ୍ୟ ପବିତ୍ର ଗୁରୁଜୀଙ୍କ ଜୀବନୀ, ବିଶେଷ କରି ତାଙ୍କର ଅମୂଲ୍ୟ ସାମାଜିକ ଅବଦାନ ସମୂହର ବିସ୍ତୃତ ବିବରଣୀ ବିଭିନ୍ନ ପତ୍ର ପତ୍ରିକାରେରେ ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି । ଆପଣଙ୍କ ସ୍ମୃତି ସଦା ଜୀବନ୍ତ, ସତ୍ୟ ଓ ଉଦାହରଣ ପାଲଟିଛି, ହେ ପୂଜ୍ୟ ଗୁରୁବର ଆପଣଙ୍କ ପାଇଁ ଭାଷା ନାହିଁ ଆଜି ସବୁ ନୀରବ, ଆପଣ ଆମ ସମୟର ଭିନ୍ନ ଏକ ଗୋପବନ୍ଧୁ, ଅନ୍ୟତମ ଦ୍ରୋଣାଚାର୍ଯ୍ୟ, ଏ ବିକଶିତ ମାନବର ଯୁଗରେ ଏକ ଶୁଭଙ୍କର ଆହ୍ୱାନ । ଆପଣ ଆମ ସମୟର ଶଙ୍ଖନାଦ, ତୁର୍ଯ୍ୟନାଦ, ସିଂହନାଦ ଆଉ ଯୁଗସୂର୍ଯ୍ୟ । ସେବା, ତ୍ୟାଗ, ସାଂଗଠନିକ ଦକ୍ଷତା ନେଇ ଆପଣ ସମୟର ଆହ୍ୱାନକୁ ଜିତିଛନ୍ତି । ଶେଷରେ ଆମ୍ଭ ପ୍ରଣାମ ଗ୍ରହଣ କରନ୍ତୁ... ହେ ମହାଭାଗ, ୪୨ ମୌଜା ମାଟିର ସୁପୁତ୍ର,ଏ ମାଟିର ସ୍ପନ୍ଦନ,ଏ ମାଟିର ମହନ୍ତ ଅଶ୍ରୁଳ ଅନିଚ୍ଛାକୃତ ବିଦାୟ । ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କ ହାତଗଢା ଶିକ୍ଷା ଅନୁଷ୍ଠାନ ବୀଣାପାଣି ଷ୍ଟଡି ସର୍କଲ ଯାହାକି ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଶିକ୍ଷାଦାନ ସେବାରେ ବ୍ରତୀ ସେହି ଷ୍ଟଡି ସର୍କଲ ପରିବାର ଆଉ ଅଭିଭାବକ ଅଭିଭାବିକା ବିଦ୍ୟାର୍ଥୀ ସର୍ବୋପରି ସଦର ବାସିନ୍ଦା ସମସ୍ତ ଜନତା ଆପଣଙ୍କ ଶୋକ ପାଳନ କରିଥିଲେ ପ୍ରଦୀପ ପ୍ୟାଲେସରେ ଯୋଉଠି ସମସ୍ତେ ଶୋକସଭାରେ ଅଭିଭାଷଣ ଥିଲା କେବଳ ଲୋତକରେ ଭରା ଆଖି, ପାଟି ଖନି ବାଜୁଥାଏ, ମନ ପୂର୍ଣ୍ଣ ବିଷାଦ ଗ୍ରସ୍ତ । ଆପଣଙ୍କର ଅମର ଆତ୍ମାର ସଦଗତି ହେଉ । ଆପଣ ଗଢ଼ିଥିବା କୋଣାର୍କର ଆମେ ସମସ୍ତେ ହେବୁ ଧର୍ମପଦ ଆପଣଙ୍କ ସ୍ୱପ୍ନ ନିଶ୍ଚେ ସାକାର ହେବ ହେ ଯୋଗଜନ୍ମା । ମାର୍ଚ୍ଚ ୧୭ ତାରିଖ ୨୦୨୬ ମସିହା ମଙ୍ଗଳବାରରେ ଏହି ପରମ ପୂଜନୀୟ ମହାତ୍ମା, ଓଡ଼ିଆ ଜାତିର ଗର୍ବ ଗୌରବ ଗୁରୁବର, ପରମ୍ପରା ତଥା ଆଧ୍ୟାତ୍ମିକ ପ୍ରାଣ, ସମର୍ପିତ ସମାଜସେବୀ, ଚିର ବନ୍ଦନୀୟ ଗୁରୁ ପ୍ରଣମ୍ୟ ପବିତ୍ର ମୋହନ ପ୍ରଧାନ ମହାଶୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ମୃତି ଚାରଣ ସହ ଆପଣଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣୀକା ‘ସ୍ମୃତିରେ ପବିତ୍ର ସାର’ ଉନ୍ମୋଚିତ ହୋଇଥିଲା । ସ୍ୱର୍ଗତ ପବିତ୍ର ସାରଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଅର୍ପଣ କରି ଅମ୍ଳାନ ଅମୃତ ସ୍ମୃତି ପ୍ରତି କୋଟି କୋଟି ପ୍ରଣାମ ଜଣାଉଛୁ ।

### ଏହି ସପ୍ତାହ, ସେହି ବର୍ଷ (ମେ’ ୧୦-୧୬)

**ଏଇ ସପ୍ତାହ**

ମେ’ ୧୦, ୨୦୦୫- ଭାରତ-ଲାହୋର ମଧ୍ୟରେ ବସ୍‌ସେବା ଆରମ୍ଭ କରିବା ଉପରେ ଦୁଇ ଦେଶ ସହମତ ହୋଇଥିଲେ ।



ମେ’ ୧୧, ୧୮୫୭- ଦିଲ୍ଲୀ ଠାରେ ସିପାହି ବିଦ୍ରୋହ ଆରମ୍ଭ ହୋଇଥିଲା ।



ମେ’ ୧୨, ୨୦୦୮-ଚୀନ୍‌ର ସିଚୁଆନ୍ ଠାରେ ହୋଇଥିବା ଭୂମିକମ୍ପରେ ୬୯,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।



ମେ’ ୧୩, ୨୦୦୦-ମିସ୍ ଇଣ୍ଡିଆ ଲାରା ଦତ୍ତା ସାଇପ୍ରସ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ମିସ୍ ୟୁନିଭର୍ସର ଉପାଧି ପ୍ରାପ୍ତ କରିଥିଲେ ।




ମେ’ ୧୪, ୧୯୦୮-ପ୍ରଥମ ଥର କୌଣସି ବ୍ୟକ୍ତି ବିମାନରେ ଉଡ଼ାଣ ଭରିଥିଲେ ।



ମେ’ ୧୫, ୧୯୫୮- ସୋଭିଏତ୍ ସଂଘ ସ୍ପୁଟନିକ୍-୩ ଲଞ୍ଚ୍ କରିଥିଲା ।



ମେ’ ୧୬, ୧୯୨୯- ହଲିଉଡ୍‌ରେ ପ୍ରଥମ ଏକାଡେମୀ ଆୱାର୍ଡ ପ୍ରଦାନ କରାଯାଇଥିଲା ।



# ଗାଁ ଅଭିଯାନ

**ଗଙ୍ଗାଧର ସାମଲ**



ଗ୍ରାମାଞ୍ଚଳ ଓ ଗ୍ରାମ୍ୟ ଜୀବନ କାହାକୁ ଆକୃଷ୍ଟ ନକରେ ! ଗାଁ ଦିନର ଅନୁଭୂତି କେତେ ଯେ ମୂଲ୍ୟବାନ ଆମକୁ ଗତ କରୋନା ସମୟରେ ଏହାକୁ କେବଳ ହୃଦୟଙ୍ଗମ କରିନଥିଲୁ, ମର୍ମେ ମର୍ମେ ବୁଝି ଥିଲୁ। ଗ୍ରାମାଞ୍ଚଳର ସୁନ୍ଦର ପରିବେଶ, ସରଳ ଜନଜୀବନ, ପରମ୍ପରା ଓ ଚଳଣୀ ପାଇଁତ କବି ଓ ଭାବୁକମାନେ ପାଗଳ । ସୁପ୍ରସିଦ୍ଧ ଇଂରେଜ କବି ଉଇଲିୟମ ୱାର୍ଡ଼ସ୍‌ୱର୍ଥ ପ୍ରାଚୁର୍ଯ୍ୟଭରା କେମ୍ବ୍ରିଜ୍ ଛାଡ଼ି ସାରା ଜୀବନ କଟାଇ ଦେଇଥିଲେ ନିଜର ଜନ୍ମସ୍ଥାନ କିମ୍ବର୍‌ଲ୍ୟାଣ୍ଡରେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗ୍ରାମବାସୀଙ୍କ ସହ ରହିଥିଲେ । ଯଦି ଭାରତ କଥା ବିଚାର କରାଯାଏ ତେବେ ମହାତ୍ମାଗାନ୍ଧୀ ଯଥାର୍ଥରେ କହିଥିଲେ ଭାରତର ଆତ୍ମା ରହିଛି ଭାରତର ଗାଆଁ ଗୁଡ଼ିକରେ । ଗାଆଁର ବିକାଶ ବିନା ଦେଶର ଅଗ୍ରଗତି ଅସମ୍ଭବ । ତେଣୁ ଦେଶ ସ୍ୱାଧୀନ ହେବା ପରଠାରୁ ଏପର୍ଯ୍ୟନ୍ତ ଭାରତୀୟ ଗ୍ରାମାଞ୍ଚଳ ଦେଶର ଅର୍ଥନୈତିକ ମାନଦଣ୍ଡକୁ ନିର୍ଦ୍ଧାରିତ କରୁଛି ।

ଓଡ଼ିଶାର ଗ୍ରାମାଞ୍ଚଳର ପରିସ୍ଥିତି ଅନୁଧ୍ୟାନ କଲେ ଏହାର ଦୁଇଟି ପାର୍ଶ୍ୱ ଦେଖିହୁଏ । ଗ୍ରାମାଞ୍ଚଳ ଗୁଡ଼ିକର ପରିବର୍ତ୍ତିତ ରୂପ ସାମ୍‌ନାକୁ ଆସେ । ଏହି ପରିବର୍ତ୍ତିତ ରୂପ ହେଉଛି ପୁରୁଣା ସହ ନୂଆର ମିଳନ । ଧୀରେ ଧୀରେ ପୁରୁଣା ହିଁ ବାଟଛାଡ଼ି ଦେଉଛି ନୂଆକୁ । ଏହି ନୂଆ ହେଉଛି ଆଧୁନିକତା । ଦ୍ରୁତ ସହରୀକରଣ ଚାଲିଛି ଗ୍ରାମାଞ୍ଚଳ ଗୁଡ଼ିକରେ । ସହରର ଆଦବ୍ କାଇଦୀ ଚାଲିଚଳଣକୁ ଗ୍ରାମବାସୀମାନେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସହର ଓ ଗ୍ରାମ ମଧ୍ୟରେ ଥିବା ସୂଚନା ବ୍ୟବଧାନ ଧୀରେ ଧୀରେ କମ୍ ହେବାକୁ ଲାଗିଲାଣି । ଆଜି ଓଡ଼ିଶାର ଗ୍ରାମାଞ୍ଚଳରେ ଟେଲିଫୋନ୍ ସେବା, ମୋବାଇଲ୍ ଫୋନ୍ ସେବା, ଇଣ୍ଟରନେଟ୍ ସେବା ଉପଲବ୍ଧ । ସହରର ମୌଳିକ ଭିତ୍ତିଭୂମି ସହ ସମକକ୍ଷ ହେବାକୁ ହେଲେ ଗ୍ରାମାଞ୍ଚଳଗୁଡ଼ିକୁ ବହୁବର୍ଷ ଲାଗିଯିବ ସତ, କିନ୍ତୁ ଯେଉଁ ହାରରେ ଦ୍ରୁତ ପରିବର୍ତ୍ତନ ହେଉଛି ଖୁବ୍ ଶୀଘ୍ର ରୂପରେଖ ବଦଳିଯିବ ଗ୍ରାମାଞ୍ଚଳର। ସମାଜ ଶାସ୍ତ୍ରୀଙ୍କ କହିବା ଅନୁସାରେ, ସହରୀକରଣକୁ ରୋକିବା ଅସମ୍ଭବ। ଶିକ୍ଷାର ବିକାଶ ହେବା ଦ୍ୱାରା ଗ୍ରାମାଞ୍ଚଳର ଯୁବକଯୁବତୀଙ୍କ ଚିନ୍ତାଧାରା ମଧ୍ୟ ବଦଳୁଛି । ଆଧୁନିକତାକୁ ଗ୍ରହଣ କରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଚେଷ୍ଟା କରୁଛନ୍ତି ସେମାନେ ।

ବର୍ତ୍ତମାନ ଓଡ଼ିଶାର ପ୍ରାୟ ଅଧିକାଂଶ ଗ୍ରାମରେ ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାର ଗ୍ରାମ ଗୁଡ଼ିକରେ ଆଧୁନିକ ପଦ୍ଧତିରେ କୃଷି କାର୍ଯ୍ୟ ହେଉଥିବାର ଦେଖାଯାଉଛି। ହଳଲଙ୍ଗଳ ସ୍ଥାନରେ ଟ୍ରାକ୍ଟର ଓ ପାୱାର୍ ଟିଲର୍ ବ୍ୟବହାର କରାଯାଉଛି। ଲୋକେ ଅଳ୍ପ ସମୟରେ ମଧ୍ୟ କରି ପାରୁଛନ୍ତି। ଫଳରେ ନିଜ ନିଜର ଆର୍ଥିକ ସ୍ଥିତିକୁ ସେମାନେ ବଦଳାଇ ପାରୁଛନ୍ତି। ବହୁଚାଷୀ କହୁଛନ୍ତି ଯେ ଆଗରୁ ସେମାନେ ଚାଷକାର୍ଯ୍ୟ କରୁଥିଲେ ହଳଲଙ୍ଗଳ ଦ୍ୱାରା। କଠିନ ପରିଶ୍ରମ ମଧ୍ୟ କରିବାକୁ ପଡୁଥିଲା। ଅଧିକ ଜମି ତାଙ୍କ ପାଖରେ ନଥିବାରୁ ଚାଷରୁ ସେମାନେ ଆଶାନୁରୂପ ଲାଭ ପାଇପାରୁ ନଥିଲେ। କିନ୍ତୁ ଏବେ ଟ୍ରାକ୍ଟର ଦ୍ୱାରା ଚାଷକାର୍ଯ୍ୟ କରୁଥିବାରୁ ତାଙ୍କର ଯଥେଷ୍ଟ ସମୟ ବଞ୍ଚିପାରୁଛି। କେହି କେହି ଦୋକାନ ମଧ୍ୟ ଖୋଲି ପାରିଛନ୍ତି। ଚାଷବାସ ସାଙ୍ଗକୁ ଦୋକାନ। ସେମାନଙ୍କର ଆୟ ବଢ଼ିଛି। ପିଲାମାନଙ୍କୁ ପ୍ରାଇଭେଟ୍ ସ୍କୁଲରେ ପଢ଼ାଇବାକୁ ସକ୍ଷମ ହୋଇ ପାରିଛନ୍ତି । ଓଡ଼ିଶାର ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ତଥାପି ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ ବିକାଶୋନ୍ମୁଖୀ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଆନୁସଙ୍ଗିକ କର୍ମପନ୍ଥା ମଧ୍ୟ ଉପଲବ୍ଧ ହୋଇପାରୁଛି କେତେକ ଗ୍ରାମରେ । ଏବେ ଅଧିକାଂଶ ଗ୍ରାମର ଛକ ଜାଗା ଗୁଡ଼ିକରେ ଅତିକମ୍‌ରେ ଏସ୍‌ଟିଡ଼ି ବୁଥ୍ ଓ କୋଲଡ୍ରିଙ୍କ୍‌ସ ଦୋକାନ ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳର ଉତ୍ପାଦନଗୁଡ଼ିକୁ ଖୁବ୍‌ଶୀଘ୍ର ଦୂରଦୂରାନ୍ତକୁ ପଠାଯାଇ ପାରୁଛି । ଗ୍ରାମାଞ୍ଚଳର ଯୁବକଯୁବତୀମାନେ ମଧ୍ୟ ସହରୀ ଫେସନ୍‌କୁ ଆପଣାର କରି ନେଇଥିବା ଦେଖାଯାଉଛି । ଲାଟେଷ୍ଟ ଫେସନ୍ ଟ୍ରେଣ୍ଡ ସହ ସେମାନେ ବେଶ୍ ଭଲଭାବରେ ପରିଚିତ। ଗ୍ରାମାଞ୍ଚଳର ସ୍କୁଲକଲେଜ ଗୁଡ଼ିକରେ ମଧ୍ୟ ଆଧୁନିକତାର ଛାପ ଦେଖିବାକୁ ମିଳୁଛି। ସହରୀ ବିଦ୍ୟାର୍ଥୀଙ୍କ ତୁଳନାରେ ଗ୍ରାମାଞ୍ଚଳର ବିଦ୍ୟାର୍ଥୀମାନେ ପାଠପଢ଼ା, ଷ୍ଟାଇଲ୍, ଖେଳକସରତ ଆଦି କୌଣସିଟିରେ କମ୍ ନୁହନ୍ତି । ସେମାନଙ୍କୁ ଦେଖିଲେ ମନେ ହେଉଛି ସେମାନେ ଯେପରି କହୁଛନ୍ତି ହମ୍ କସିସେ କମ୍ ନହିଁ। ଦିନଥିଲା, ଗ୍ରାମର ଶିକ୍ଷିତ ଯୁବକ ସହର ଚାଲି ଆସୁଥିଲା କାର୍ଯ୍ୟ ଅନ୍ୱେଷଣରେ। ଏବେ ଅଧିକାଂଶ



ଶିକ୍ଷିତ ଯୁବକ ରହିଯାଉଛନ୍ତି ଗ୍ରାମରେ, ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବା ଆଶାରେ। ଗ୍ରାମାଞ୍ଚଳର ବର୍ଦ୍ଧିତ ଲୋକସଂଖ୍ୟାକୁ ଆଉ ବୋଝ ରୂପେ ପରିଗଣନା କରାଯାଉ ନାହିଁ। ସେମାନଙ୍କୁ ଦେଶର ସମ୍ପଦ ରୂପେ ବିଚାର କରାଯାଉଛି। ସମ୍ଭବତଃ ସେହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କର ଦଶମ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ପରିବର୍ତ୍ତନଶୀଳ ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳୁଛି। ଆଉଗୋଟିଏ କଥା । ଗାଆଁର ପୁରୁଣା ପରମ୍ପରା, ଚଳଣୀ ଧୀରେ ଧୀରେ ଲୋପ ପାଇଯାଉଛି । ଭାଗବତ ଟୁଙ୍ଗୀ, ଚଉପାଢ଼ୀ, ଗ୍ରାମସଭା ପ୍ରାୟ ଦେଖିବାକୁ ମିଳୁନାହିଁ । ସେହିପରି ପୁରୁଣା ସଂସ୍କୃତି ଯଥା ପାଲା, ଦାସକାଠିଆ, ଲୋକନୃତ୍ୟ ଆଦି ସଂଗ୍ରାମ କରିଚାଲିଛନ୍ତି ତିଷ୍ଠି ରହିବା ପାଇଁ । ଲୋକଙ୍କର ମାନସିକତା ତଥା ରୁଚିରେ ପରିବର୍ତ୍ତନ ଯୋଗୁଁ ଏସବୁର ଆଦର କମିଯାଉଛି ବୋଲି କୁହାଯାଉଛି । ଆଉ କେତେକଙ୍କ ମତରେ ଟେଲିଭିଜନ ଓ ସିନେମା ଆଦିର ପ୍ରଭାବ ଯୋଗୁଁ ଏପରି ହେଉଛି । ତେବେ ହଜାର ହଜାର ବର୍ଷର ସମୃଦ୍ଧ ଗ୍ରାମ୍ୟ ପରମ୍ପରା ଏତେଶୀଘ୍ର ଲୋପପାଇବ ନାହିଁ ବୋଲି ସମାଜଶାସ୍ତ୍ରୀମାନେ କହୁଛନ୍ତି । ଏବେ ମଧ୍ୟ ଅଧିକାଂଶ ଗ୍ରାମର ଲୋକେ ନିଜର କୁଳବେଉସା ତ୍ୟାଗ କରିନାହାନ୍ତି । ଖଜୁରୀ ଗଛରେ ଚଢ଼ି ଖଜୁରୀରସ ବିକାଳି ଠେକି ବସାଉଥିବା ଦୃଶ୍ୟ ସମ୍ପୂର୍ଣ୍ଣ ଚାଲିଯାଇ ନାହିଁ ଗାଆଁ ପରିବେଶରୁ । ଗାଆଁର ପୋଖରୀ ତୁଠ ଏବେ ମଧ୍ୟ ବଦଳି ନାହିଁ । ଘାଟରେ ପଥର ଅବଶ୍ୟ ନାହିଁ, ପଥର ପରିବର୍ତ୍ତେ ପାହାଚ ତିଆରି ହୋଇଛି । କିନ୍ତୁ ପୋଖରୀ ତୁଠ ରହିଛି । କିନ୍ତୁ ଗୋଟିଏ କଥା ଚିନ୍ତାର କାରଣ ହୋଇଛି ଯେ ଗ୍ରାମାଞ୍ଚଳର ଯୁବକମାନେ ଚାଷକାର୍ଯ୍ୟ ପାଇଁ ପଛଘୁଞ୍ଚା ଦେଉଥିବା ଲକ୍ଷ୍ୟ କରାଯାଉଛି । ସବୁ ପରିବାରର ଟ୍ରାକ୍ଟର କିଣିପାରିବା ଭଳି କ୍ଷମତା ନାହିଁ କି ସବୁ ଯୁବକ ହଳଲଙ୍ଗଳ ଧରି ଜମିକୁ ଯିବାଲାଗି ଚାହୁଁନାହାନ୍ତି । ଗ୍ରାମାଞ୍ଚଳର ଯୁବକ ଆଜି ଶିକ୍ଷାଲାଭପରେ ଅଧିକ ଆଗ୍ରହ ପ୍ରକାଶ କରୁଛି ଚାକିରୀ କିମ୍ବା ବ୍ୟବସାୟ ପାଇଁ ।

ତାହେଲେ ଚାଷ କରିବ କିଏ ? ଆଗାମୀ ପିଢ଼ି ଚାଷ କରିବ ନା ନାହିଁ ! ପଞ୍ଜାବ ଓ ହରିଆନା ପରି କୃଷି ସମୃଦ୍ଧ ରାଜ୍ୟରେ ଶିକ୍ଷିତ ଯୁବକ ଏପରିକି ଯୁବତୀ ମଧ୍ୟ ସବୁ ଛାଡ଼ି ଚାଷକୁ ମୁଖ୍ୟ ଜୀବିକା କଲେଣି । ଓଡ଼ିଶା ଗ୍ରାମାଞ୍ଚଳର ଯୁବକଯୁବତୀ ମଧ୍ୟ ଏଥିରୁ ଶିକ୍ଷାଲାଭ କରିବାର ବେଳ ଆସିଛି । ତେବେ ପ୍ରଶ୍ନ ଉଠୁଛି, ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ ଅସଂଖ୍ୟ ଯୋଜନା ପ୍ରଣୟନ କରାଯାଉଥିବା ବେଳେ, କୋଟି କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଉଥିବାବେଳେ, ସେ ସବୁର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି କାହିଁକି ? ଏହାର ଉତ୍ତରରେ ବିଶେଷଜ୍ଞମାନେ କହନ୍ତି ଯେ ଯୋଜନାର ସଫଳ ରୂପାୟନ ହେବାକୁ ହେଲେ ଯୋଜନା କାର୍ଯ୍ୟକାରୀ ବ୍ୟବସ୍ଥା ଡେଲିଭରୀ ସିଷ୍ଟମ ବା ମେକାନିଜିମ୍‌ରେ ସଂସ୍କାର ଆଣିବାକୁ ପଡ଼ିବ । କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ତଥା କ୍ଷମତାସମ୍ପନ୍ନ କରିବା ଉଚିତ୍ । ଏହାଦ୍ୱାରା ଗ୍ରାମାଞ୍ଚଳର ଅଧିକାଂଶ ସମସ୍ୟା ଗାଆଁସ୍ତରରେ ସମାଧାନ ହୋଇପାରିବା ସହିତ ଯୋଜନା ଅର୍ଥର ପ୍ରକୃତ ବିପଣନ ମଧ୍ୟ ହୋଇପାରିବ । ସେମାନଙ୍କ କହିବା ଅନୁଯାୟୀ, ରାଜ୍ୟର ସାମଗ୍ରିକ ବିକାଶରେ ବ୍ୟାପକ ଶିଳ୍ପାୟନର ଯେତିକି ଆବଶ୍ୟକତା ରହିଛି, ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ହେଲେ ଗ୍ରାମାଞ୍ଚଳର ବିକାଶ ମଧ୍ୟ ସେତିକି ଜରୁରୀ ହୋଇପଡ଼ିଛି । ସରକାରଙ୍କର ପ୍ରତିଟି ବିକାଶଭିତ୍ତିକ ଯୋଜନା ଗ୍ରାମାଭିମୁଖୀ ହେବା ଦରକାର । ଅମଲାତନ୍ତ୍ର, ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ରାଜନୈତିକ ନେତା ପର୍ଯ୍ୟନ୍ତ ଯଦି 'ଗାଆଁକୁ ଚାଲ' ଅଭିଯାନରେ ସାମିଲ୍ ହୋଇ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଯତ୍ନବାନ ହୋଇପାରିବେ, ତେବେ ଓଡ଼ିଶାର ଗ୍ରାମାଞ୍ଚଳର ରୂପରେଖ ବଦଳିଯିବାକୁ ଆଉ ବେଶୀସମୟ ଲାଗିବ ନାହିଁ । ଆଜିର ଅତ୍ୟାଧୁନିକ ଯୁଗରେ ଏକଥା ଅବଶ୍ୟ ସରକାର ଧୀରେ ଧୀରେ ହୃଦୟଙ୍ଗମ କରୁଥିବା ଲକ୍ଷ୍ୟ କରାଯାଉଛି । ଆହୁରି ମଧ୍ୟ ଲକ୍ଷ୍ୟ କରିହେଉଛି ଯେ, ଏ ଦିଗରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ତଥାପି ବାକିଅଛି ବହୁତ କିଛି କରିବା ପାଇଁ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭**

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

ବାଦଲ ଭୂୟାଁ





ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏ୍କସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ଓ୍ୱେ ସୋଲଡର ଷ୍ଟ୍ରେବ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ୍ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିବା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋର୍ଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ୍ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥିବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼





କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ୍ୟ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ୍ୟ ରହିଛି। ଯାହାକି ସମାଜବିତ୍ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ୍ୟ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',**
**୪ଜି ପ୍ରତାପ ଆପାର୍ଟମେଣ୍ଟ,**
**୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,**
**ଜାମସେଦପୁର**

ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

### ଶିକ୍ଷକତା ଛାଡ଼ି ଯାତ୍ରାକୁ ଆସିଲି-

# ନିର୍ଦ୍ଦେଶକ ଗୁରୁ ମିଶ୍ର

କଳାର ମାୟାରେ କେଉଁ ଦିନରୁ ପଡ଼ି ସାରିଥିଲେ ଗୁରୁ ମିଶ୍ର। ଜେଜେ ବାପା ନାଟ୍ୟଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ସଂପର୍କୀୟ ବଡ଼ବାପା ନାଟ୍ୟ କଳାଭୂଷଣ ପିତାମ୍ବର ମିଶ୍ରଙ୍କ ଠାରୁ ପ୍ରେରଣା ପାଇ ଆଗକୁ ଆସିଛନ୍ତି। ବାପା ସ୍ୱର୍ଗତ ପ୍ରଫୁଲ୍ଲ ମିଶ୍ର ଓ ବଡ଼ ଭାଇ ଦେବାଶିଷ ମିଶ୍ର ନାଟୁଆ ଥିଲେ। ଏହି ସୂତ୍ରରେ ନାଟକ ପ୍ରତି ଆଗ୍ରହ ଦେଖାଇବା ଓ ପରବର୍ତ୍ତୀ ସମୟରେ ବାନ୍ଧି ହୋଇଯିବା ପରେ ଜୀବନର ମୋଡ଼ ଅଲଗା ହୋଇଯାଇଥିଲା। ପ୍ରଥମେ ସୁଯୋଗ ମିଳିଥିଲା ଇଂ ଆଶୁତୋଷ ମହାପାତ୍ରଙ୍କ ସହ କାମ କରିବାକୁ। ତୁଳସୀ ଗଣନାଟ୍ୟର କେମିତି ଏ ବନ୍ଧନରେ ସହ ନିର୍ଦ୍ଦେଶକ ଭାବରେ କାମ କରିଥିଲି। ପରିବାରରେ ଜେଜେବାପା ଓ ବଡ଼ବାପାମାନେ ଏହି କଳାରେ ନିଜକୁ ଖାଲି ସମର୍ପି ଦେଇ ନଥିଲେ, ସେମାନଙ୍କର ବି ଅନେକ ନାଁ ଥିଲା। କିଛିବର୍ଷ ପଛକୁ ଧଉଳି ଗଣନାଟ୍ୟରେ ନିଜ ରଚନା ଓ ନିର୍ଦ୍ଦେଶନାରେ ‘ମୁଠାଏ ସପନ ମୁଠେ ପାଉଁଶ’ରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସୁଦ୍ଧା ସେ କେବଳ ନିର୍ଦ୍ଦେଶନାରେ ଅନେକ ବାଟ ଅତିକ୍ରମି ଆସିଲେଣି। ଧଉଳି, କୋଣାର୍କ, ଶିବାନୀ, ବାଘାଯତୀନ, ଗୌରୀ, ଇଷ୍ଟର୍ଣ୍ଣ, ତୁଳସୀ, କଳିଙ୍ଗ, ସ୍ୱପ୍ନ ମହଲ ଆଦି ଅଧିକାଂଶ ଯାତ୍ରାନୁଷ୍ଠାନରେ ସେ ନିଜ ନିର୍ଦ୍ଦେଶନାର ଯାଦୁ ଦେଖାଇ ସାରିଛନ୍ତି। କୋଣାର୍କ ଗଣନାଟ୍ୟର ନାଟକ ଓ ଡ.ଦୀପକ ଜେନାଙ୍କ ରଚିତ ‘ତୁ ବୋଧେ ମୋ ଭାଗ୍ୟରେ ନାହୁଁ’ ବେଶ ଚର୍ଚ୍ଚାରେ ରହିଥିବାବେଳେ ଶହ ଶହ ରାତି ପ୍ରଦର୍ଶିତ ହୋଇ ଚହଳ ସୃଷ୍ଟି କରିଛି। ‘ତୋ ଆଖିର ଲୁହ ଭଲ ଲାଗୁଛି’, ‘ରାଜଧାନୀର ରାଜା ଆଚାର୍ଯ୍ୟ’, ‘ବେଇମାନ ସ୍ୱାମୀ’, ‘କହ ଗୌର ଦାସ କାହାର ଦୋଷ’, ‘ଦୈତାରୀ ପଣ୍ଡା ବାହା ହେଉଛି’, ‘ମଣିଷ ଦେଖିଲେ ଡର ମାଡୁଛି’,



ଫେରିଗଲେ ଦର୍ଶକଙ୍କ ନିକଟରେ ସେମାନେ ବି ଖୁବ ପରିଚିତ ଥିଲେ।

ସମୟାନୁସାରେ ଉତ୍ତରାଧିକାରୀ ଭାବରେ ଗୁରୁ ମିଶ୍ରଙ୍କ ବୃତ୍ତି ଶିକ୍ଷକତା ହେଲେ ବି ପ୍ରବୃତ୍ତି କିନ୍ତୁ କଳାରେ ବାନ୍ଧି ହୋଇରହିଛି। ଛୋଟବେଳୁ କଳା ପ୍ରତି ଯେଉଁ ଦୁର୍ବଳତା ରହିଥିଲା, ତାହା ପରବର୍ତ୍ତୀ ସମୟରେ ନିଶା ହୋଇଗଲା। ନା ଯାତ୍ରାକୁ ସେ ଛାଡ଼ିପାରିଲେ, ନା ଯାତ୍ରା ତାଙ୍କୁ ଛାଡ଼ିଲା। ଦର୍ଶକ ବି ବନ୍ଧା ପଡ଼ିଗଲେ ଗୁରୁଙ୍କ ପ୍ରେମରେ। ତାଳି ଓ ଗାଳି ଗୁରୁଙ୍କ ପାଇଁ ସେମିତି କିଛି ଫରକ ପକାଇନି ନିଜ କ୍ୟାରିୟର ପାଖରେ। କଳାକୁ ସେ ଭଲ ପାଆନ୍ତି ଓ କଳା ପାଇଁ ସାରା ଜୀବନ କାମ କରିବାର ଅଭିଳାଷ ତାଙ୍କୁ ଆଜି ଓଡ଼ିଶାର ଅଗଣିତ ଦର୍ଶକଙ୍କ ନିକଟରେ ବେଶ୍ ପରିଚିତ କରାଇ ପାରିଛି। ଇଂ ଆଶୁତୋଷ ମହାପାତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଯାତ୍ରାରେ ସେମିତି ଏକନିଷ୍ଠ ହୋଇ ରହିଯାଇଛନ୍ତି। ‘ବଦନାମ ହେଲି ତୋରି ପାଇଁ’, ‘ଆଖି ଅବୁଝାକୁ ଲୁହ ଅବୁଝା’, ‘ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ି’, ‘ତୋ ବିନା ମୋ କାହାଣୀ ଅଧା’, ‘ଭୁବନେଶ୍ୱର ନୁହେଁ କାହାର’, ‘ବଉଲୋ ମୁଁ ବୋହୂ ହେବିନି’, ‘କାହାଣୀ କାନ୍ଦୁଛି ଆଖି ଲୁଚେଇ’, ‘ଆଲୋ ମୋର କଣ୍ଢେଇ’ ଆଦି ନାଟକରେ ଗୁରୁଙ୍କର ନିର୍ଦ୍ଦେଶନାକୁ ଦର୍ଶକ ତନ୍ନ ତନ୍ନ କରି ମନେ ରଖିଛନ୍ତି। କଳାକାର ହୁଅନ୍ତୁ ବା ଦର୍ଶକ, ସମସ୍ତେ ଗୁରୁଙ୍କର ଭିନ୍ନତାକୁ ବେଶ ଗୁରୁତ୍ୱ ଦିଅନ୍ତି। ‘କଳାର ଉତ୍କର୍ଷ ମାଟି ଉତ୍କଳରେ ଯାତ୍ରା କିନ୍ତୁ ଖୁବ୍ ଅବହେଳିତ ଅବସ୍ଥାରେ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ନିହାତି ଦରକାର। କଳା ବଞ୍ଚିଲେ କଳାକାର ବଞ୍ଚିବେ ଓ କଳାକୁ ଜୀବିକା କରୁଥିବା ସମସ୍ତ କଳାକାର ବି ଏହାକୁ ନେଇ ବଞ୍ଚିପାରିବେ’ ବୋଲି କୁହନ୍ତି ଗୁରୁ ମିଶ୍ର। ମୁଁ ନିଜର କୃତିତ୍ୱକୁ ନେଇ ଖୁସି ଥାଏ, କାହାକୁ ପ୍ରତିଦ୍ୱନ୍ଦୀ ବୋଲି ଭାବେନାହିଁ।



ନାଭା

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com